## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଆଶ୍ରା ଫାଉଣ୍ଡେଶନ ଓଡ଼ିଶା ପକ୍ଷରୁ ମେଡିକାଲ ଆୱେରନେସ୍, ଚେକ୍ ଅପ୍ କ୍ୟାମ୍ପ, ରାଜାରାଣୀ ବସ୍ତି, ସକାଳ ୭ଟା ୩୦।
- ନବୀନ ଆଟ୍ ୨୫ର ଲୋକାର୍ପଣ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ବୟନିକା ପକ୍ଷରୁ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଏକାମ୍ର ବଜାର, ୟୁନିଟ-୩, ପୂର୍ବାହ୍ନ ୧୧ଟା।
- ଖଦି ମେଳା, ଖଦି ବୋର୍ଡ ପରିସର, ଅପରାହ୍ନ ୨ଟା।
- ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧, ଅପରାହ୍ନ ୩ଟା।
- ଉତ୍କଳ ସମ୍ମିଳନୀର ସଭାପତି ବିଭୂତି ମିଶ୍ରଙ୍କ ବିୟୋଗରେ ଶୋକସଭା, ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅଶୋକ ନଗର, ଅପରାହ୍ନ ୪ଟା।
- ନୀଳକଇଁ ବାର୍ଷିକ ସାରସ୍ୱତ ସମ୍ମେଳନ ଭାଷାକ୍ଷରା ୨୦୨୩, ଲୋହିଆ ଏକାଡେମୀ, ଅପରାହ୍ନ ୪ଟା ୩୦।
- ବିଶ୍ୱାତ୍ମା ଚେତନା ପରିଷଦର ପ୍ରବଚନ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ୨୯ତମ ଗୁରୁ ପଙ୍କଜ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

# ପବିତ୍ର ଏଣ୍ଟରଟେନ୍‌ମେଣ୍ଟ ମୁଖ୍ୟ ଗିରଫ

**ଭୁବନେଶ୍ୱର,୧୮।୩(ବ୍ୟୁରୋ) :** କପିରାଇଟ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ପବିତ୍ର ଏଣ୍ଟରଟେନ୍‌ମେଣ୍ଟର ମୁଖ୍ୟ ପବିତ୍ର ନାୟକଙ୍କୁ ଶନିବାର ବଡଗଡ ଥାନା ପୋଲିସ ଗିରଫ କରିଛି। ଅନ୍ୟର ଗୀତକୁ ବିନା ଅନୁମତିରେ ନକଲି ଡକ୍ୟୁମେଣ୍ଟ ଓ ଡାଟା ଆଧାରରେ ଚୋରି କରିବା ପରେ ତାହାକୁ ବ୍ୟବହାର କରି ବହୁ ଟଙ୍କା ରୋଜଗାର କରିବା ନେଇ କଣ୍ଠଶିଳ୍ପୀ ତଥା ସଙ୍ଗୀତ୍‌କାର ରଞ୍ଜନ ଗାହାଣ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ମାମଲା ନଂ.୩୭୫/୨୨ ରୁଜୁ କରିବା ସହ ଏହି ପଦକ୍ଷେପ ନେଇଥିବା ଜଣାପଡିଛି।

ପବିତ୍ରଙ୍କ ଘର ଜଗତ୍‌ସିଂହପୁର ଜିଲାରେ ହୋଇଥିବାବେଳେ ସେ କଟକରେ ରହିବା ସହ ସେଠାରେ ଏକ ମ୍ୟୁଜିକ୍ ଷ୍ଟୁଡିଓ ଚଳାଉଛନ୍ତି। ସଂଗୀତକାରଙ୍କ ରଞ୍ଜନଙ୍କ କହିବାନୁଯାୟୀ, କେତେ ଥର ହୃଦୟ ମୋ ଭାଙ୍ଗିବ କୁହ..., ତୁମେ ଓଠରେ ଜଣେ ଥିଲା ମୋର ନାଁ..., ଓ କାହିଁକି ମୋ ଜୀବନେ ଆସିଥିଲ ତୁମେ ...ଏଭଳି ୩୨ଟି ମନ ଛୁଆ ଗୀତ ଗାଇଥିବାବେଳେ ସେସବୁର ରିଲିଜ୍ ବି ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ କିଛି ଅସାଧୁ ଗୀତ ବ୍ୟବସାୟୀ ତାଙ୍କୁ ମୃତ ସଜାଇ ଗୀତକୁ ଫର୍ଜରୀ ଡକ୍ୟୁମେଣ୍ଟ ଜରିଆରେ କିଛି ଟେଲିକମ୍ ଅପରେଟରଙ୍କ ହେଲୋ ଟ୍ୟୁନ୍ସଠାରୁ ଆରମ୍ଭ କରି ବିଭିନ୍ନ ସଙ୍ଗୀତ ଆପ୍ ପ୍ଲାଟଫର୍ମରେ ମଧ୍ୟ ଅପ୍‌ଲୋଡ୍ କରିଥିଲେ। ଏପରିକି ଉକ୍ତ ଗୀତ ପାଇଁ ପରମିଶନ ଦେଇ ଟଙ୍କା କମାଇଥିବା ନେଇ ସେ ୨୦୧୬ରେ କ୍ରାଇମବ୍ରାଞ୍ଚରେ ଏକ ଅଭିଯୋଗ କରିଥିଲେ। ହେଲେ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏପରିକି କିଛି ଗୀତକୁ ଗ୍ଲୋବାଲ ମାର୍କେଟରେ ଅପ୍‌ଲୋଡ୍ କରିଥିବା ପବିତ୍ର ଏଣ୍ଟରଟେନମେଣ୍ଟର ମାଲିକ ପବିତ୍ର ନାୟକଙ୍କୁ ପଚାରିବାରୁ ସେ ବୁଝିବା, ଦେଖିବା ଆଦି ଆଳ ଦେଖାଇ ସମୟ ଗଡାଇ ଚାଲିଥିଲେ। ତେଣୁ ନ୍ୟାୟ ପାଇଁ ସେ ୨୮ ଫେବୃୟାରୀ ୨୦୨୨ରେ ଭୁବନେଶ୍ୱର ଏସ୍‌ଡିଜେଏମଙ୍କ କୋର୍ଟରେ ଅଭିଯୋଗ କରିଥିଲେ। ଗୀତ ଚୋରି, କପି ରାଇଟ୍ ନିୟମ ଉଲ୍ଲଂଘନ ଓ ତାଙ୍କ ୩୨ଟି ଗୀତରେ ଆର୍ଥିକ ଲାଭବାନ ହେବା ଆଦି ନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି କୋର୍ଟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବଡଗଡ ଥାନାକୁ ନିର୍ଦ୍ଦେଶ ଦେଇଥିଲେ।

**କପିରାଇଟ୍ ନିୟମ ଉଲ୍ଲଂଘନ ମାମଲା**



ଗିରଫ ସମ୍ପର୍କରେ ପବିତ୍ର କହିଛନ୍ତି, ସେଭଳି କିଛି ଆମେ କରିନାହୁଁ। ଗୀତିକାର ରଞ୍ଜନ ଗାହାଣଙ୍କ ସହ କଣ୍ଟ୍ରାକ୍ଟରେ ତାଙ୍କ ଗୀତକୁ ରିଲିଜ କରିଛୁ। ଗୀତକୁ ପ୍ରମୋଶନ କରି ଅନାମଧେୟ ଏହି ଗୀତିକାରଙ୍କୁ ମାର୍କେଟରେ ପରିଚୟ ଦେଇଛୁ। ଏନେଇ ମଧ ଗୀତିକାରଙ୍କ ପରମିଶନ ନେଇଛୁ। ହେଲେ ଗୀତ ହିଟ୍ ହେବାପରେ ସେ ଏଥିପାଇଁ ମୋଟା ଅଙ୍କର ଟଙ୍କା ମାଗୁଛନ୍ତି। ନ ଦେବାରୁ ସେ ଏପରି ଅଭିଯୋଗ କରିଛନ୍ତି। ତେଣୁ ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ଶୁଣାଣି ହେବା ପରେ ଏହାର ସତ୍ୟତା ଜଣାପଡିବ ବୋଲି ସେ କହିଛନ୍ତି। ଏନେଇ ଜୋନ-୪ ଏସିପି ଏସ୍‌ଏନ୍ ମୁଦୁଲି କହିଛନ୍ତି, ସଙ୍ଗୀତକାର ରଞ୍ଜନଙ୍କ ବିନାନୁମତିରେ ତାଙ୍କ ଗୀତଗୁଡିକୁ ସୋସିଆଲ ମିଡିଆରେ ଛାଡ଼ିବା ସହ ଅନ୍ୟ କମ୍ପାନୀକୁ ବିକ୍ରି କରିଥିବା ତଦନ୍ତରୁ ଜଣାପଡିଥିଲା। ଏହାପରେ ଅଭିଯୁକ୍ତକୁ ଗିରଫ କରାଯାଇଛି। ଏହାସହିତ ଗ୍ଲୋବାଲ ପ୍ଲାଟଫର୍ମର କିଛି କମ୍ପାନୀକୁ ମଧ ଏନେଇ ନୋଟିସ୍ କରାଯାଇଛି।

# 'ମୋ ସରକାର' ଟେଲି ସେଣ୍ଟରରେ ଆଇଟି ଉପଦେଷ୍ଟା



**ଭୁବନେଶ୍ୱର,୧୮।୩ (ବ୍ୟୁରୋ)** ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା(ଆଇଟି) ଉପଦେଷ୍ଟା ଅନୁଭବ ପଟ୍ଟନାୟକ ଶନିବାର ଆଚାର୍ଯ୍ୟ ବିହାରସ୍ଥିତ ଓକାକ ଟାୱାର ପରିସରରେ ପରିଚାଳିତ 'ମୋ ସରକାର' ଟେଲି ସେଣ୍ଟର ପରିଦର୍ଶନ କରିଥିଲେ। 'ମୋ ସରକାର' ଟୋଲ ଫ୍ରି ନମ୍ବର ୧୪୫୪୫ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ ହେଲ୍ପ ଲାଇନ ନମ୍ବର ୧୫୫୩୬୯ ମାଧ୍ୟମରେ ସାଧାରଣ ଜନତାଙ୍କ ସମସ୍ୟାର ସମାଧାନ, ଅଭିଯୋଗ ଗ୍ରହଣ, ପଞ୍ଜୀକରଣ ଓ ଅନ୍ୟାନ୍ୟ ସୂଚନା ପ୍ରଦାନ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପକୁ ଅନୁଭବ ପ୍ରଶଂସା କରିଥିଲେ। ମମତା, କାଳିଆ, ନାଗରିକ ସେବା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ଭଳି ୩୧ଟି ବିଭାଗର ୨୮୫ ପ୍ରକାର ସେବା ଯୋଗାଇବା ଦିଗରେ ଏହି ବ୍ୟବସ୍ଥା ସହାୟକ ହୋଇପାରିଛି। ଆଗାମୀ ଦିନରେ ଏହି ବ୍ୟବସ୍ଥାକୁ କିଭଳି ଅଧିକ ସୁଦୃଢ଼ କରାଯାଇ ସାଧାରଣ ଜନତାଙ୍କ ସ୍ୱାର୍ଥ ରକ୍ଷା କ୍ଷେତ୍ରରେ ରାଜ୍ୟ ଶୀର୍ଷ ସ୍ଥାନ ନେଇପାରିବ ସେ ଦିଗରେ ଅଧିକ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ଉପସ୍ଥିତ କର୍ମଚାରୀଙ୍କୁ ସେ ପରାମର୍ଶ ଦେଇଥିଲେ। ସାଧାରଣ ଜନତାଙ୍କ ପାଇଁ କରାଯାଇଥିବା ଏହି ସମସ୍ତ ବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଅବସରରେ 'ମୋ ସରକାର' ପରିଚାଳନା କେନ୍ଦ୍ର ତଥା ଓକାକ୍ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ୧୦ କିଲୋ ଗଞ୍ଜେଇ ଜବତ, ବେପାରୀ ଗିରଫ

**ବାଲକାଟୀ,୧୮।୩(ଡି.ଏନ୍.ଏ.):** ବାଲକାଟୀ ବଜାରର ଏକ ଦୋକାନରେ ଚଢ଼ାଉ କରି ବାଲିଅନ୍ତା ଥାନା ପୋଲିସ ଜଣେ ନିଶା ବ୍ୟବସାୟୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲକାଟୀ ହାଇସ୍କୁଲ ନିକଟରେ ରହୁଥିବା ରଞ୍ଜନ ସେନାପତି(୪୭)। ଏନେଇ ଏନ୍‌ଡିପିଏସ୍ ଆକ୍ଟରେ ୧୧୫/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଚଢ଼ାଉରେ ୧୦ କିଲୋ ଗଞ୍ଜେଇ ଜବତ ହୋଇଛି। ସୂଚନା ମୁତାବକ, ବାଲକାଟୀ ଫାଣ୍ଡି ଅଞ୍ଚଳରେ ଚୋରା ମଦ, ଗଞ୍ଜେଇ, ଭାଙ୍ଗ ଏବଂ ଧଳା ଜହର କାରବାର ଚାଲିଥିଲା। ପୋଲିସ ଖବରପାଇ ସେଠାରେ ଚଢ଼ାଉ କରିଥିଲା।

## ୨ ମୋବାଇଲ ଲୁଟେରା ଗ୍ୟାଙ୍ଗର ୪ ଗିରଫ

**ଭୁବନେଶ୍ୱର,୧୮।୩ (ବ୍ୟୁରୋ)** ଖଣ୍ଡଗିରି ଓ ଭରତପୁର ଥାନା ପୋଲିସ ମୋବାଇଲ ଲୁଟୁଥିବା ୨ ଗ୍ୟାଙ୍ଗର ୪ଜଣଙ୍କୁ ଗିରଫ କରିଛି। ଖଣ୍ଡଗିରି ଥାନା ପୋଲିସ ଗିରଫ କରିଥିବା ଦୁଇ ଅଭିଯୁକ୍ତ ହେଲେ ଉକ୍ତ ଥାନା ଅଞ୍ଚଳର ବିକାଶ ରାୟ ଓ ଜିତେନ୍ଦ୍ର ସାହୁ। ସେମାନଙ୍କଠାରୁ ବିଭିନ୍ନ କମ୍ପାନୀର ୫ ଦାମୀ ମୋବାଇଲ ଜବତ କରିଛି ପୋଲିସ। ଜାମିନ ନ ମିଳିବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ବିକାଶଙ୍କ ନାମରେ ନୟାପଲ୍ଲୀ, ଜଟଣୀ, ତମାଣ୍ଡୋ, ଖଣ୍ଡଗିରି, ବାଲିଅନ୍ତା, ଖାରବେଳନଗର ଥାନାରେ ଗୋଟିଏ ଲେଖାଏ ମାମଲା ରହିଥିବାବେଳେ ଅଭିଯୁକ୍ତ ଜିତେନ୍ଦ୍ର ସାହୁଙ୍କ ନାମରେ ଜଟଣୀ, ବାଲିଅନ୍ତା ଓ ତମାଣ୍ଡୋ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ସେମାନଙ୍କ ବିରୋଧରେ ସିଆର୍‌ପିସି-୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ପଦକ୍ଷେପ ନିଆଯାଉଥିବା ପୋଲିସ କହିଛି। ସୂଚନାନୁସାରେ, ଗତ ଗୁରୁବାର ଅଭିଯୋଗକାରୀ ସୁନୀଲ କୁମାର ନନ୍ଦ ଜୟଦେବ ବିହାର ଅଞ୍ଚଳରୁ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଖଣ୍ଡଗିରି ପାହାଡ ନିକଟରେ ଅଭିଯୁକ୍ତଦ୍ୱୟ ଅନ୍ୟଏକ ବାଇକରେ ପଛପଟୁ ଆସି ଶାର୍ଟ ପକେଟରୁ ମୋବାଇଲ ଫୋନକୁ ଛଡାଇ ନେଇଯାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବାପରେ ଜାଗମରା ମେଳଣ ପଡିଆରେ ଚଢାଉ କରି ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲା। ସେହିପରି ଭରତପୁର ଥାନା ପୋଲିସ ଗିରଫ କରିଥିବା ୨ଜଣ ଯୁବକ ହେଲେ ଉକ୍ତ ଥାନା ଅଞ୍ଚଳର ମଦନ ରେଡ୍ଡୀ ଓ ନୟାଗଡର ବାପିନା ଜେନା। ସେମାନଙ୍କଠାରୁ ୨ଟି ଚୋରା ମୋବାଇଲ ଜବତ କରାଯାଇଛି। ଜଣେ ଯୁବକ ରାସ୍ତାରେ ଫୋନ୍‌ରେ କଥା ହୋଇ ଯାଉଥିବାବେଳେ ଲୁଟେରାଦ୍ୱୟ ତାଙ୍କ ହାତରୁ ମୋବାଇଲ୍ ଛଡ଼ାଇ ନେଇ ପଳାଇଥିଲେ।

## ଚୋରି ଜିନିଷ ନେବାବେଳେ ଥକିପଡ଼ି ରାସ୍ତାରେ ଶୋଇପଡ଼ିଲେ ଲୁଟେରା

**ଭୁବନେଶ୍ୱର,୧୮।୩(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀବିହାର ଅଞ୍ଚଳର ଏକ ଘରୁ ଓ କିଛି ଦୋକାନରୁ ଜିନିଷ ଚୋରି କଲେ। ପରେ ଚୋରି ସାମଗ୍ରୀକୁ ୩ଲୁଟେରା କାନ୍ଧରେ ବୋହିକି ନେଉଥିବାବେଳେ ରାସ୍ତାରେ ଥକି ପଡ଼ି ଶୋଇପଡ଼ିଲେ। ରାସ୍ତାରେ ଶୋଇଥିବାରୁ ପିସିଆର୍ ଭ୍ୟାନ୍ ପହଞ୍ଚି ସେମାନଙ୍କୁ ପଚରାଉଚରା କରିବା ସହ ବସ୍ତାରେ କ'ଣ ଅଛି ବୋଲି ପଚାରିଥିଲା। ହେଲେ କୌଣସି ସନ୍ତୋଷଜନକ ଉତ୍ତର ନ ପାଇବାରୁ ସେଗୁଡ଼ିକୁ ଯାଞ୍ଚ କରିଥିଲା। ଯାଞ୍ଚ ସହ ପଚରାଉଚରା ପରେ ଧରାପଡିଥିବା ୩ ଲୁଟେରା ସମସ୍ତେ ଏହାକୁ ଚୋରି କରିଥିବା କହିଥିଲେ। ସେମାନେ ହେଲେ ଇନ୍‌ଫୋସିଟି ଅଞ୍ଚଳର ରବି କିସ୍କୁ, ସନ୍ତୋଷ ସେଠୀ, ଲିଙ୍ଗରାଜ ସାହୁ। ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ବାଇକ୍ ଧକ୍କାରେ ଅଟୋ ଚାଳକ ମୃତ୍ୟୁ ଘଟଣା: ଅଭିଯୁକ୍ତ ଗିରଫ

**ପୁରୁଣା ଭୁବନେଶ୍ୱର,୧୮।୩(ଡି.ଏନ୍.ଏ.)** ସାମନ୍ତରାପୁର ଛକରେ ଗତ ୧୩ ତାରିଖରେ ବାଇକ୍ ଧକ୍କାରେ ଜଣେ ଅଟୋ ଚାଳକ ଅଶୋକ କୁମାର ଦାସଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଶନିବାର ଲିଙ୍ଗରାଜ ଥାନା ପୋଲିସ ଧକ୍କା ଦେଇଥିବା ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଯୁବକ ହେଲେ ଶୁଭମ ମୋହନ ପୃଷ୍ଟି। ଏନେଇ ଥାନାରେ ଏକ ମାମଲା (ନଂ.୭୧/୨୩) ରୁଜୁ ହୋଇଥିବା ଆଇଆଇସି ଶରତ ପାତ୍ର କହିଛନ୍ତି। ପ୍ରକାଶ ଯେ, ପିପିଲି ଥାନା ଅଧୀନ କାକୁଡ଼ିକୋଣାଙ୍ଗ ଗ୍ରାମର ଅଟୋ ଚାଳକ ଅଶୋକ ସାମନ୍ତରାପୁର ଛକରେ ଜଣେ ରୋଗୀଙ୍କ ଖାଇବା ଧରି ରାସ୍ତା ଅତିକ୍ରମ କରୁଥିଲେ। ଏହି ସମୟରେ ଶୁଭମ ବାଇକ୍‌ରେ ଆସି ତାଙ୍କୁ ଧକ୍କା ଦେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।







## ୩ ଜଣ ହେଲେ କଟକ ଜିଲା ବିଜେଡି ଉପସଭାପତି

ମାହାଙ୍ଗା,(ସ୍ୱ.ପ୍ର.): କଟକ ଜିଲା ବିଜୁ ଜନତା ଦଳର ଉପସଭାପତି ଭାବେ ୩ ଜଣଙ୍କୁ ମନୋନୀତ କରାଯାଇଛି। ସେମାନେ ହେଲେ ମାହାଙ୍ଗାର ପ୍ରଶାନ୍ତ କୁମାର ପଟ୍ଟନାୟକ, ହୃଷୀକେଶ ସ୍ୱାଇଁ, ରୁଦ୍ର ନାରାୟଣ ସିଂହ। ନବ ନିଯୁକ୍ତ ଜିଲା ଉପସଭାପତିଙ୍କୁ ମାହାଙ୍ଗା ବ୍ଲକ ଅଧକ୍ଷା ଦୀପା ମଲ୍ଲିକ, ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି, ବ୍ଲକ ବିଜେଡି ଉପସଭାପତି ରାଜକିଶୋର ଜେନା, ପୂର୍ବତନ ବ୍ଲକ ଅଧକ୍ଷ ଶରତ ନାୟକ, ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ଛାତ୍ର ନେତା ହିତେଶ ରାଉତ, ନିରଞ୍ଜନ ପ୍ରଧାନ ପ୍ରମୁଖ ସ୍ୱାଗତ ଜଣାଇଛନ୍ତି।

## ଆଜି କ'ଣ କେଉଁଠି

କଟକ

- କଳା ବିକାଶ କେନ୍ଦ୍ର ପକ୍ଷରୁ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, କେନ୍ଦ୍ର ପରିସର, ପୂର୍ବାହ୍ନ ୯ଟା।
- ଭାଗ୍ୟଲିପି ଓ ପ୍ଲାନେଟ୍ସ ଆଣ୍ଡ ଫୋରକାଷ୍ଟର ବାର୍ଷିକ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ପୂର୍ବାହ୍ନ ୧୦ଟା।
- ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ ବନ୍ଧୁମିଳନ, ଶଶିକଳା ପ୍ୟାଲେସ୍, ମାଛୁଆ ବଜାର, ମଧ୍ୟାହ୍ନ ୧୨ଟା।
- ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ ସମାରୋହ, କଳାବିକାଶ କେନ୍ଦ୍ର, ସନ୍ଧ୍ୟା ୬ଟା।
- ଜଷ୍ଟିସ ଯୁଗଳ କିଶୋର ମହାନ୍ତି ସ୍ମୃତି ସମାରୋହ, ଶହିଦ ଭବନ, ସନ୍ଧ୍ୟା ୬ଟା ୩୦।

# ପବିତ୍ର ଏଣ୍ଟରଟେନ୍‌ମେଣ୍ଟ ମୁଖ୍ୟ ଗିରଫ

ଭୁବନେଶ୍ୱର,୧୮।୩(ବ୍ୟୁରୋ): କପିରାଇଟ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ପବିତ୍ର ଏଣ୍ଟରଟେନ୍‌ମେଣ୍ଟର ମୁଖ୍ୟ ପବିତ୍ର ନାୟକଙ୍କୁ ଶନିବାର ବଡଗଡ ଥାନା ପୋଲିସ ଗିରଫ କରିଛି। ଅନ୍ୟର ଗୀତକୁ ବିନା ଅନୁମତିରେ ନକଲି ଡକ୍ୟୁମେଣ୍ଟ ଓ ଡାଟା ଆଧାରରେ ଚୋରି କରିବା ପରେ ତାହାକୁ ବ୍ୟବହାର କରି ବହୁ ଟଙ୍କା ରୋଜଗାର କରିବା ନେଇ କଣ୍ଠଶିଳ୍ପୀ ତଥା ସଙ୍ଗୀତ୍‌କାର ରଞ୍ଜନ ଗାହାଣ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ମାମଲା ନଂ.୩୭୫/୨୨ ରୁଜୁ କରିବା ସହ ଏହି ପଦକ୍ଷେପ ନେଇଥିବା ଜଣାପଡିଛି।

ପବିତ୍ରଙ୍କ ଘର ଜଗତ୍‌ସିଂହପୁର ଜିଲାରେ ହୋଇଥିବାବେଳେ ସେ କଟକରେ ରହିବା ସହ ସେଠାରେ ଏକ ମ୍ୟୁଜିକ୍ ଷ୍ଟୁଡିଓ ଚଳାଉଛନ୍ତି। ସଂଗୀତକାରଙ୍କ ରଞ୍ଜନଙ୍କ କହିବାନୁଯାୟୀ, କେତେ ଥର ହୃଦୟ ମୋ ଭାଙ୍ଗିବ କୁହ..., ତୁମେ ଓଠରେ ଜଣେ ଥିଲା ମୋର ନାଁ..., ଓ କାହିଁକି ମୋ ଜୀବନେ ଆସିଥିଲ ତୁମେ ...ଏଭଳି ୩୨ଟି ମନ ଛୁଆ ଗୀତ ଗାଇଥିବାବେଳେ ସେସବୁର ରିଲିଜ୍ ବି ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ କିଛି ଅସାଧୁ ଗୀତ ବ୍ୟବସାୟୀ ତାଙ୍କୁ ମୃତ ସଜାଇ ଗୀତକୁ ଫର୍ଜରୀ ଡକ୍ୟୁମେଣ୍ଟ ଜରିଆରେ କିଛି ଟେଲିକମ୍ ଅପରେଟରଙ୍କ ହେଲୋ ଟ୍ୟୁନ୍‌ଠାରୁ ଆରମ୍ଭ କରି ବିଭିନ୍ନ ସଙ୍ଗୀତ ଆପ୍ ପ୍ଲାଟଫର୍ମରେ ମଧ୍ୟ ଅପ୍‌ଲୋଡ୍ କରିଥିଲେ। ଏପରିକି ଉକ୍ତ ଗୀତ ପାଇଁ ପରମିଶନ ଦେଇ ଟଙ୍କା କମାଇଥିବା ନେଇ ସେ ୨୦୧୬ରେ କ୍ରାଇମବ୍ରାଞ୍ଚରେ ଏକ ଅଭିଯୋଗ କରିଥିଲେ। ହେଲେ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏପରିକି କିଛି ଗୀତକୁ ଗ୍ଲୋବାଲ ମାର୍କେଟରେ ଅପ୍‌ଲୋଡ୍ କରିଥିବା ପବିତ୍ର ଏଣ୍ଟରଟେନମେଣ୍ଟର ମାଲିକ ପବିତ୍ର ନାୟକଙ୍କୁ ପଚାରିବାରୁ ସେ ବୁଝିବା, ଦେଖିବା ଆଦି ଆଳ ଦେଖାଇ ସମୟ ଗଡାଇ ଚାଲିଥିଲେ। ତେଣୁ ନ୍ୟାୟ ପାଇଁ ସେ ୨୮ ଫେବୃୟାରୀ ୨୦୨୨ରେ ଭୁବନେଶ୍ୱର ଏସ୍‌ଡିଜେଏମଙ୍କ କୋର୍ଟରେ ଅଭିଯୋଗ କରିଥିଲେ। ଗୀତ ଚୋରି, କପି ରାଇଟ୍ ନିୟମ ଉଲ୍ଲଂଘନ ଓ ତାଙ୍କ ୩୨ଟି ଗୀତରେ ଆର୍ଥିକ ଲାଭବାନ ହେବା ଆଦି ନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି କୋର୍ଟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବଡଗଡ ଥାନାକୁ ନିର୍ଦ୍ଦେଶ ଦେଇଥିଲେ।

### କପିରାଇଟ୍ ନିୟମ ଉଲ୍ଲଂଘନ ଅଭିଯୋଗ



ଗିରଫ ସମ୍ପର୍କରେ ପବିତ୍ର କହିଛନ୍ତି, ସେଭଳି କିଛି ଆମେ କରିନାହୁଁ। ଗୀତିକାର ରଞ୍ଜନ ଗାହାଣଙ୍କ ସହ କଣ୍ଟ୍ରାକ୍ଟରେ ତାଙ୍କ ଗୀତକୁ ରିଲିଜ କରିଛୁ। ଗୀତକୁ ପ୍ରମୋଶନ କରି ଅନାମଧେୟ ଏହି ଗୀତିକାରଙ୍କୁ ମାର୍କେଟରେ ପରିଚୟ ଦେଇଛୁ। ଏନେଇ ମଧ୍ୟ ଗୀତିକାରଙ୍କ ପରମିଶନ ନେଇଛୁ। ହେଲେ ଗୀତ ହିଟ୍ ହେବାପରେ ସେ ଏଥିପାଇଁ ମୋଟା ଅଙ୍କର ଟଙ୍କା ମାଗୁଛନ୍ତି। ନ ଦେବାରୁ ସେ ଏପରି ଅଭିଯୋଗ କରିଛନ୍ତି। ତେଣୁ ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ଶୁଣାଣି ହେବା ପରେ ଏହାର ସତ୍ୟତା ଜଣାପଡିବ ବୋଲି ସେ କହିଛନ୍ତି। ଏନେଇ ଜୋନ-୪ ଏସିପି ଏସ୍‌ଏନ୍ ମୁଦୁଲି କହିଛନ୍ତି, ସଙ୍ଗୀତକାର ରଞ୍ଜନଙ୍କ ବିନାନୁମତିରେ ତାଙ୍କ ଗୀତଗୁଡିକୁ ସୋସିଆଲ ମିଡିଆରେ ଛାଡ଼ିବା ସହ ଅନ୍ୟ କମ୍ପାନୀକୁ ବିକ୍ରି କରିଥିବା ତଦନ୍ତରୁ ଜଣାପଡିଥିଲା। ଏହାପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହାସହିତ ଗ୍ଲୋବାଲ ପ୍ଲାଟଫର୍ମର କିଛି କମ୍ପାନୀକୁ ମଧ୍ୟ ଏନେଇ ନୋଟିସ୍ କରାଯାଇଛି।

# ଓଭରହେଡ୍ ପାଣିଟାଙ୍କିରେ ୩ ମୃତ ମାଙ୍କଡ଼

କଣ୍ଠାପଡା, ୧୮।୩(ଡି.ଏନ୍.ଏ.)

କଣ୍ଠାପଡା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ବାଲିପଡା ଗ୍ରାମର ଏକ ଓଭରହେଡ୍ ପାଣିଟାଙ୍କିରେ ୩ଟି ମାଙ୍କଡ ମରି ପଡିଥିବା ଶନିବାର ଦେଖିବାକୁ ମିଳିଛି। ଉକ୍ତ ପାଣିଟାଙ୍କିରୁ ଜଳଯୋଗାଣ ଆରମ୍ଭ ହୋଇ ନଥିବାରୁ ସୌଭାଗ୍ୟବଶତଃ କାହାର କିଛି କ୍ଷତି ହୋଇନାହିଁ। ସ୍ୱଜଳଧାରା ପ୍ରକଳ୍ପ ଯୋଜନାରେ ଗ୍ରାମବାସୀଙ୍କୁ ଜଳଯୋଗାଣ ଉଦ୍ଦେଶ୍ୟରେ ୨୦୧୭ରେ କଣ୍ଠାପଡା ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଉକ୍ତ ଟାଙ୍କି ନିର୍ମାଣ ହୋଇଥିଲା। ଇତିମଧ୍ୟରେ ୬ ବର୍ଷ ବିତି ଯାଇଥିଲେ ମଧ୍ୟ ଉକ୍ତ ଟାଙ୍କିରୁ ଜନସାଧାରଣଙ୍କୁ ପିଇବା ପାଣି ଯୋଗାଇ ଦିଆଯାଇ ନ ଥିଲା। ଟାଙ୍କିର ଘୋଡଣି ନ ଥିବାବେଳେ ସେଥିରେ ୩ଟି ମାଙ୍କଡ଼ ପଡିଯାଇଥିଲେ। ସେଥିରୁ ବାହାରି ନ ପାରି ଭୋକ ଉପାସରେ ମରିଯାଇ ପଚିଶଢି ଯାଇଥିବାରୁ ଦୁର୍ଗନ୍ଧ ବାହାରିଥିଲା। ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ପାଣିଟାଙ୍କି ଉପରେ ଚଢ଼ିବା ପରେ ମାଙ୍କଡ଼ ମରିଥିବା ଦେଖିବାକୁ ପାଇଥିଲେ। ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କଣ୍ଠାପଡା ଗ୍ରାମ୍ୟ ଜଳଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରଭାକର ସାହୁ କହିଛନ୍ତି, ଉକ୍ତ ପାଣିଟାଙ୍କିରୁ ଏପର୍ଯ୍ୟନ୍ତ ଜଳଯୋଗାଣ କରାଯାଇନାହିଁ। ତେବେ କେଉଁ ପରିସ୍ଥିତିରେ ମାଙ୍କଡଗୁଡିକ ସେଥିରେ ପଡିଲେ ତାହା ତଦନ୍ତ କଲାପରେ ଜଣାପଡିବ।

# ୩୦ରୁ ପ୍ରସିଦ୍ଧ ଅସୁରେଶ୍ୱର ଶ୍ରୀରାମ ନବମୀ ଯାତ୍ରା

ନିଶ୍ଚିନ୍ତକୋଇଲି, ୧୮।୩(ସ୍ୱ.ପ୍ର.)

ଓଡ଼ିଶା ପ୍ରସିଦ୍ଧ ଅସୁରେଶ୍ୱର ଶ୍ରୀଶ୍ରୀ ରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ଓ ଦାଣ୍ଡଯାତ୍ରା ନିମନ୍ତେ ପ୍ରଶାସନିକସ୍ତରରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଶ୍ଚିନ୍ତକୋଇଲି ତହସିଲଦାର ଦିଲୀପ ନାୟକ ସଭାପତିତ୍ୱ କରିଥିଲେ। ବିଡିଓ ଦିବ୍ୟଜ୍ୟୋତି ସ୍ମିତିରଞ୍ଜନ ଦେଓ, ସାଲେପୁର ଏସ୍‌ଡିପିଓ ବିମଳ ବାରିକ୍, ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଚିନ୍ମୟୀ ସାହୁ ପ୍ରମୁଖ ଯୋଗଦେଇ ଚଳିତ ବର୍ଷ ଶ୍ରୀରାମ ନବମୀ ଓ ଦାଣ୍ଡଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ କହିଥିଲେ। ଶ୍ରୀରାମ ନବମୀ ଯାତ୍ରା ଚଳିତ ୩୦ ତାରିଖରୁ ଆରମ୍ଭ ହୋଇ ୧୧ ଦିନ ଧରି ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଆସନ୍ତା ଏପ୍ରିଲ ୬ରେ ପ୍ରସିଦ୍ଧ ଦାଣ୍ଡଯାତ୍ରା ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ପ୍ରାରମ୍ଭରେ ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁ ବିବରଣୀ ପାଠ କରିଥିଲେ। ବୈଠକରେ ଯାତ୍ରା କମିଟିର ସମ୍ପାଦକ ପ୍ରଭାତ କୁମାର ରଥ, ସାମାଜିକ କର୍ମୀ ପୁରୁଷୋତ୍ତମ ଦାସଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧି ଉପସ୍ଥିତ ଥିଲେ।

# ଗାଡ଼ି ଲୁଟ୍ ଅଭିଯୋଗରେ ୩ କୋର୍ଟ ଚାଲାଣ

■ ୨ ଅଭିଯୁକ୍ତ ଫେରାର

ନିଶ୍ଚିନ୍ତକୋଇଲି, ୧୮।୩(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ପୋଲିସ ଗାଡ଼ି ଲୁଟ୍ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଜଣେ ନାବାଳକଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୨ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଭଦ୍ରକ ଜିଲା ହଳଦୀଡିଅ ଗ୍ରାମର ସେକ ବାଦ୍‌ସାହାଙ୍କ ପୁତ୍ର ସେକ ଅବୁରାଜା(୪୨), ନିଶ୍ଚିନ୍ତକୋଇଲି ଥାନା ବଡ଼କ୍ଷୀର ପଞ୍ଚାୟତ ଗୋପପୁର ଗ୍ରାମର ମାରୁତୀ ବେହେରା, ଭଦ୍ରକ ଜିଲା ସମରାଇପୁର ଗ୍ରାମର ଶୁକଦେବ ମଲିକ(୩୦)। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ନିଶ୍ଚିନ୍ତକୋଇଲି ଥାନା ଅସୁରେଶ୍ୱର ପଞ୍ଚାୟତର ଜଣେ ନାବାଳକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଗତ ୧୪ ତାରିଖରେ ପିପି କଲେଜ ଛକ ନିକଟରୁ ଲକ୍ଷ୍ମୀପ୍ରିୟା ନାୟକଙ୍କ ବୋଲେରୋ ଗାଡିକୁ ତାଙ୍କ ଘର ସମ୍ମୁଖରୁ ୨ ଜଣ ଦୁର୍ବୃତ୍ତ ଲୁଟି ନେଇଥିଲେ। ଏ ସମ୍ପର୍କରେ ନାୟକ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ନିଶ୍ଚିନ୍ତକୋଇଲି ଥାନାରେ ମାମଲା (ନଂ.୫୨/୨୩) ରୁଜୁ କରଯାଇଥିଲା। ଏହାପରେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଭଦ୍ରକ ଅଞ୍ଚଳର ଏକ ଗ୍ୟାରେଜରୁ କଟା ଅବସ୍ଥାରେ ଏକ ପିକ୍‌ଅପ ଭ୍ୟାନର ଯନ୍ତ୍ରାଂଶ ଓ ଲୁଟ ବୋଲେରୋ ଗାଡି ଜବତ କରାଯାଇଥିଲା। ସେକ୍ ଅବୁ ରାଜାଙ୍କ ନାମରେ ଭଦ୍ରକ ରୁରାଲ ଥାନା, ଯାଜପୁର ଜିଲା, ଜେନାପୁର ଥାନାରେ ଏକାଧିକ ମାମଲା ଥିଲା ବେଳେ ମାରୁତିବେହେରାଙ୍କ ନାମରେ ଯାଜପୁର, କିଶୋରନଗର, କୋରେଇ, ମାହାଙ୍ଗା, ନେମାଳ ଓ ନିଶ୍ଚିନ୍ତକୋଇଲି ଥାନାରେ ପ୍ରାୟ ୨୫ଟି ମାମଲା ରହିଛି। ଏହି ଘଟଣାରେ ଦୁଇ ଲୁଟେରା ଏବେବି ପୋଲିସ ଆଖିରେ ଧୂଳି ଦେଇ ଫେରାର ଥିବା ଜଣାଯାଇଛି।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ସାଲେପୁର, ୧୮।୩(ଡି. ଏନ.ଏ.)

ସାଲେପୁର କଲେଜ ରୋଡର ଏକ ଭଡ଼ା ଘରୁ ଶନିବାର ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ରାଧେଶ୍ୟାମ ନାୟକଙ୍କ ସ୍ତ୍ରୀ ପ୍ରମିଳା(୩୮)। କୌଣସି କାରଣରୁ ସେ ଘରର ଏକ ଫ୍ୟାନ୍‌ରେ ଧୋତି ଲଗାଇ ଝୁଲି ପଡ଼ିଥିଲେ। ଖବରପାଇ ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୭/୨୩) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ସମ୍ପର୍କରେ ଅଧିକ ସୂଚନା ମିଳିବ ବୋଲି ପୋଲିସ କହିଛି।

# ୧୭୫ ଏସ୍‌ଏଚ୍‌ଜିଙ୍କୁ ୮୭ ଲକ୍ଷ ଟଙ୍କା ଋଣ



ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ ଏସ୍‌ଏଚ୍‌ଜି ସଦସ୍ୟା ଓ ଅନ୍ୟମାନେ।

ତିଗିରିଆ, ୧୮।୩(ଡି.ଏନ୍.ଏ.)

ତିଗିରିଆ ବ୍ଲକର ୬ ପଞ୍ଚାୟତ ଅଧୀନରେ ଥିବା ମହିଳା ମହାସଂଘ ପାଣ୍ଠିରୁ ୧୭୫ଟି ମହିଳା ଗୋଷ୍ଠୀକୁ ଶନିବାର ୮୭ ଲକ୍ଷ ୫୦ ହଜାର ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ଋଣ ପ୍ରଦାନ କରାଯାଇଛି। ନିଜିଗଡ଼ ସ୍ଥିତ ଗାନ୍ଧୀପଠାରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଛନ୍ତି, ମହିଳାଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜକୋଷ ଖୋଲି ଦେଇଛନ୍ତି। ଏହି ଅବସରରେ ପୁରୁଣା ତିଗିରିଆ, ପାଞ୍ଚଗାଁ, ନିଜିଗଡ଼, ବିନ୍ଧାଣିମା, ନୂଆପାଟଣା ଓ ଜେମାଦେଇପୁର ପଞ୍ଚାୟତର ମହିଳା ମହାସଂଘର ଏସ୍‌ଏଚ୍‌ଜିଙ୍କୁ ୫୦ ହଜାର ଟଙ୍କା ଲେଖାଏ ଋଣ ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧକ୍ଷ ମାନସ କୁମାର ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ରୂପା ଦଳେଇ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ୍ ଯୋଗଦେଇଥିଲେ। ପ୍ରଦୀପ କୁମାର ସିଂ, ଧର୍ମରାଜ ଜେନା, ମଞ୍ଜୁଳା ସାମଲ, ବିଶ୍ୱଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ।






## ସଂକ୍ଷେପରେ

### ପବିତ୍ର ଏଣ୍ଟରଟେନ୍‌ମେଣ୍ଟ ମୁଖ୍ୟ ଗିରଫ
#### କପିରାଇଟ୍ ନିୟମ ଉଲ୍ଲଂଘନ ଅଭିଯୋଗ

**ଭୁବନେଶ୍ୱର,୧୮।୩(ବ୍ୟୁରୋ) :** କପିରାଇଟ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ପବିତ୍ର ଏଣ୍ଟରଟେନ୍‌ମେଣ୍ଟର ମୁଖ୍ୟ ପବିତ୍ର ନାୟକଙ୍କୁ ଶନିବାର ବଡଗଡ ଥାନା ପୋଲିସ ଗିରଫ କରିଛି। ଅନ୍ୟର ଗୀତକୁ ବିନା ଅନୁମତିରେ ନକଲି ଡକ୍ୟୁମେଣ୍ଟ ଓ ଡାଟା ଆଧାରରେ ଚୋରି କରିବା ପରେ ତାହାକୁ ବ୍ୟବହାର କରି ବହୁ ଟଙ୍କା ରୋଜଗାର କରିବା ନେଇ ସଙ୍ଗୀତ୍‌କାର ରଞ୍ଜନ ଗାହାଣ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ମାମଲା ନଂ.୩୭୫/୨୨ ରୁଜୁ କରିବା ସହ ଏହି ପଦକ୍ଷେପ ନେଇଥିବା ଜଣାପଡିଛି। ପବିତ୍ରଙ୍କ ଘର ଜଗତ୍‌ସିଂହପୁର ଜିଲାରେ ହୋଇଥିବାବେଳେ ସେ କଟକରେ ରହିବା ସହ ସେଠାରେ ଏକ ମ୍ୟୁଜିକ୍ ଷ୍ଟୁଡିଓ ଚଳାଉଛନ୍ତି। ସଂଗୀତକାରଙ୍କ ରଞ୍ଜନଙ୍କ କହିବାନୁଯାୟୀ, କେତେ ଥର ହୃଦୟ ମୋ ଭାଙ୍ଗିବ କୁହ..., ତୁମେ ଓଠରେ ଜଣେ ଥିଲା ମୋର ନାଁ..., ଓ କାହିଁକି ମୋ ଜୀବନେ ଆସିଥିଲ ତୁମେ ...ଏଭଳି ୩୨ଟି ମନ ଛୁଆ ଗୀତ ଗାଇଥିବାବେଳେ ସେସବୁର ରିଲିଜ୍ ବି ହୋଇଥିଲା। ପରବର୍ତ୍ତୀ ସମୟରେ କିଛି ଅସାଧୁ ଗୀତ ବ୍ୟବସାୟୀ ତାଙ୍କୁ ମୃତ ସଜାଇ ଗୀତକୁ ଫର୍ଜରୀ ଡକ୍ୟୁମେଣ୍ଟ ଜରିଆରେ କିଛି ଟେଲିକମ୍ ଅପରେଟରଙ୍କ ହେଲୋ ଟ୍ୟୁନ୍ସଠାରୁ ଆରମ୍ଭ କରି ବିଭିନ୍ନ ସଙ୍ଗୀତ ଆପ୍ ପ୍ଲାଟଫର୍ମରେ ମଧ ଅପ୍‌ଲୋଡ଼୍ କରିଥିଲେ। ଏପରିକି ଉକ୍ତ ଗୀତ ପାଇଁ ପରମିଶନ ଦେଇ ଟଙ୍କା କମାଇଥିବା ନେଇ ସେ ୨୦୧୬ରେ କ୍ରାଇମବ୍ରାଞ୍ଚରେ ଏକ ଅଭିଯୋଗ କରିଥିଲେ। ହେଲେ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏପରିକି କିଛି ଗୀତକୁ ଗ୍ଲୋବାଲ ମାର୍କେଟରେ ଅପ୍‌ଲୋଡ଼୍ କରିଥିବା ପବିତ୍ର ଏଣ୍ଟରଟେନମେଣ୍ଟ୍‌ର ମାଲିକ ପବିତ୍ର ନାୟକଙ୍କୁ ପଚାରିବାରୁ ସେ ବୁଝିବା, ଦେଖିବା ଆଦି ଆଳ ଦେଖାଇ ସମୟ ଗଡାଇ ଚାଲିଥିଲେ। ତେଣୁ ନ୍ୟାୟ ପାଇଁ ସେ ୨୮ ଫେବୃୟାରୀ ୨୦୨୨ରେ ଭୁବନେଶ୍ୱର ଏସ୍‌ଡିଜେଏମଙ୍କ କୋର୍ଟରେ ଅଭିଯୋଗ କରିଥିଲେ। ଗୀତ ଚୋରି, କପି ରାଇଟ୍ ନିୟମ ଉଲ୍ଲଂଘନ ଓ ତାଙ୍କ ୩୨ଟି ଗୀତରେ ଆର୍ଥିକ ଲାଭବାନ ହେବା ଆଦି ନେଇ ଅଭିଯୋଗ କରିଥିଲେ।

# ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ

### ୧୦ ପୋଖରୀ ଅମୃତ ସରୋବରରେ ସାମିଲ

**ଖୋର୍ଦ୍ଧା ଅଫିସ,୧୮।୩**



ବୈଠକରେ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂହ, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟମାନେ।

ଖୋର୍ଦ୍ଧା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶନିବାର ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂହ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉନ୍ନୟନମୂଳକ କାର୍ଯ୍ୟ କ'ଣ ହୋଇଛି ତା'ର ସମୀକ୍ଷା କରିବା ସହ ସରକାରଙ୍କ ଯୋଜନା କିଭଳି ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ ଅଧିକାରୀମାନେ ସହଯୋଗ କରିବାକୁ କହିଥିଲେ। ସେହିପରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଚାଲିଥିବା କାମ ଉପରେ ଆଲୋଚନା କରିବା ସହ ଅମୃତ ସରୋବର ପୋଖରୀ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ତେବେ ବ୍ଲକର ଗଡ଼ହଳଦିଆ ପଞ୍ଚାୟତରେ ୨ଟି ଏବଂ କଂପୁର, ନନ୍ଦପୁର, ଗୋଡିପଡ଼ା, ତାପଙ୍ଗ, ବରସାହି, ଗୋଳବାଇ, ବଙ୍ଗିଦା, ଜଙ୍କିଆର ଗୋଟିଏ ଲେଖାଏ ମୋଟ ୧୦ଟି ପୋଖରୀ ଅମୃତ ସରୋବରରେ ସାମିଲ ହୋଇଛି। ସେହିପରି ସ୍ୱଚ୍ଛ ଭାରତ ଯୋଜନାରେ ଗୋଳବାଇ, ବଙ୍ଗିଦା, ହଳଦିଆ, ବ୍ରଜମୋହନପୁର, କାଇପଦର, ପୁବୁସାହି, ଟାଙ୍ଗିଆପଡ଼ା ପଞ୍ଚାୟତରେ ଚାଲିଥିବା ରିଚାର୍ଜ ପିଟ୍, ସୋକ୍ ପିଟ୍, ନଳକୂପ ସ୍ଥାନରେ ପିଟ୍‌ର ଅଗ୍ରଗତି, ଗ୍ରାମ୍ୟ ବଜାର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ, ଅଙ୍ଗନୱାଡି ଗୃହ, ମିଶନ ଶକ୍ତି ଗୃହ କେଉଁଠି ଅଧାପନ୍ତରିଆ ରହିଛି ତାହାକୁ ସମ୍ପୂର୍ଣ୍ଣ କରିବାକୁ କହିଥିଲେ। ୫-ଟି ଅଧୀନରେ ଚାଲିଥିବା ବିଦ୍ୟାଳୟର ସ୍ଥିତି, ୨୦୨୧ରୁ ୨୦୨୩ ମଧ୍ୟରେ ରେସିଡେନ୍ସିଆଲ ବିଲ୍ଡିଂ ପାଇଁ କେତେ ଅର୍ଥ ଆସିଥିଲା କେତେ ବଳକା ରହିଛି, ଆଜି ସୁଦ୍ଧା କେତେଜଣ ହିତାଧିକାରୀ ବିଭିନ୍ନ ଭତ୍ତା ପାଉଛନ୍ତି, ୨୦୨୧-୨୨ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଜିଲା ପରିଷଦ ଏସ୍‌ଏଫ୍‌ସି ଶେୟାର ଅର୍ଥର ସୁଧ ଟଙ୍କା କେତେ ରହିଛି ଓ ଯଦି ଖର୍ଚ୍ଚ ହୋଇଛି ତା'ର ତଥ୍ୟ ଦେବାକୁ ଅଧ୍ୟକ୍ଷା କହିଥିଲେ। ଅନ୍ୟପଟେ ବ୍ଲକରେ କେଉଁ କେଉଁ ଅଧିକାରୀ ଓ କର୍ମଚାରୀ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅଛନ୍ତି ତାହାର ତଥ୍ୟ ପ୍ରଦାନ କରିବାକୁ କହିଥିଲେ। ଅନେକ ଯୋଗ୍ୟ ହିତାଧିକାରୀ ନୂତନ ରାଶନ କାର୍ଡ ପାଇଁ ନାମ ସଂଯୋଗ, ନାମ ସଂଶୋଧନ ପାଇଁ ଲୋକେ ଆସୁଥିଲେ ମଧ ଯୋଗାଣ ନିରୀକ୍ଷକ ଖୋର୍ଦ୍ଧା ବ୍ଲକ ଓ ପୌର ପରିଷଦର ଦାୟିତ୍ୱରେ ଥିବାରୁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏନେଇ ଆଲୋଚନା ହୋଇଥିଲା। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ ମଧ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମତ ରଖିଥିଲେ। ବିଡିଓ କ୍ଷୀରାବ୍ଧୀ ତନ୍ମୟା ସାହୁ, ଏବିଡିଓ ରଞ୍ଜନ କୁମାର ସ୍ୱାଇଁ, ମିଶନ ଶକ୍ତିର ବିପିଏମ୍ ପ୍ରିୟଦର୍ଶୀ ଦାସ, ଗ୍ରାମ୍ୟ ପରିମଳର ଜିଲା ସଂଯୋଜକ ମନୋଜ କୁମାର ଶତପଥୀ, ଡିଆରଡିଏର ଏମ୍‌ସି, ବ୍ଲକର ଏପିଓ, ଜିପିଓ, ମୁଖ୍ୟଯନ୍ତ୍ରୀ, କନିଷ୍ଠଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ୫ ମୋବାଇଲ ଜବତ, ୨ ଯୁବକ ଗିରଫ

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

ଖଣ୍ଡଗିରି ଥାନା ପୋଲିସ ମୋବାଇଲ ଲୁଟ୍‌ପାଟ କରୁଥିବା ୨ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅଞ୍ଚଳର ବିକାଶ ରାୟ ଓ ଜିତେନ୍ଦ୍ର ସାହୁ। ସେମାନଙ୍କଠାରୁ ବିଭିନ୍ନ କମ୍ପାନୀର ୫ ଦାମୀ ମୋବାଇଲ ଜବତ କରିଛି ପୋଲିସ। ଜାମିନ ନ ମିଳିବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ବିକାଶ ରାୟଙ୍କ ନାମରେ ନୟାପଲ୍ଲୀ, ଜଟଣୀ, ତମାଣ୍ଡୋ, ଖଣ୍ଡଗିରି, ବାଲିଅନ୍ତା, ଖାରବେଳନଗର ଥାନାରେ ଗୋଟିଏ ଲେଖାଏ ମାମଲା ରହିଥିବାବେଳେ ଅଭିଯୁକ୍ତ ଜିତେନ୍ଦ୍ର ସାହୁଙ୍କ ନାମରେ ଜଟଣୀ, ବାଲିଅନ୍ତା ଓ ତମାଣ୍ଡୋ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ଉଭୟ ଅଭିଯୁକ୍ତ ଅଭ୍ୟାସଗତ ଅପରାଧୀ ହୋଇଥିବାରୁ ସେମାନଙ୍କ ବିରୋଧରେ ସିଆର୍‌ପିସି-୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ପଦକ୍ଷେପ ନିଆଯାଉଥିବା ପୋଲିସ କହିଛି।

## ବିପଦପୂର୍ଣ୍ଣ ଅବସ୍ଥାରେ କଲେଜ ଫାଟକ

**ନିରାକାରପୁର,୧୮।୩(ଡି.ଏନ୍.ଏ.)**




ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ୧୯୫୯ ମସିହାରେ ସ୍ଥାପିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ମୁଖ୍ୟ ଫାଟକ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଫାଟକ ତଳପାର୍ଶ୍ୱ କେତେକ ସ୍ଥାନରୁ ପଲସ୍ତରା ଖସିଯାଇଥିବା ବେଳେ ଫାଟକର ବହୁ ସ୍ଥାନ ଫାଟିଥିବା ଦେଖିବାକୁ ମିଳିଛି। ଫଳରେ କେତେବେଳେ ଅଘଟଣ ଘଟିପାରେ ତାହାକୁ ଏଡ଼ାଇ ଦିଆଯାଇ ନ ପାରେ। ରକ୍ଷଣାବେକ୍ଷଣ କିମ୍ବା ମରାମତି ନ ହେବାରୁ ଏଭଳି ଅବସ୍ଥା ହୋଇଥିବା ସାଧାରଣରେ କୁହାଯାଉଛି। ପ୍ରକାଶ ଯେ, ଏହି କଲେଜରେ ଯୁକ୍ତ୨ କଳା, ବିଜ୍ଞାନ ଓ ବାଣିଜ୍ୟ ପ୍ରଥମ ବର୍ଷରେ ୮୦୦, ଦ୍ୱିତୀୟ ବର୍ଷ ୮୦୦ ଏବଂ ଯୁକ୍ତ ୩ରେ ୧୭୪୪ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୧୦୦ରୁ ଉର୍ଦ୍ଧ୍ୱ ଅଧାପିକା ଅଧାପକ ଓ କର୍ମଚାରୀ ରହିଛନ୍ତି। ଛାତ୍ରୀଛାତ୍ରଙ୍କ ଅଭିଭାବକ, କଲେଜକୁ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଲୋକେ ଏହି ଫାଟକ ଦେଇ ଯାତାୟାତ କରିଥା'ନ୍ତି। ସେହିପରି ନିରାକାରପୁର ଓ ଡିଆ ପଞ୍ଚାୟତ କାର୍ଯ୍ୟାଳୟକୁ ମଧ ଲୋକେ ଏହି ଫାଟକ ଦେଇ ଯାତାୟାତ କରିଥାନ୍ତି। କେତେବେଳେ ବି ଅଘଟଣ ଘଟିପାରେ ବୋଲି ଆଶଙ୍କା କରାଯାଉଛି। ଏଥିପ୍ରତି କଲେଜ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି। କ'ଣ କାମ କରାଯାଇପାରିବ ଦେଖୁଛି ବୋଲି କଲେଜ ଅଧକ୍ଷା ପ୍ରତିଭାମୟୀ ମିତ୍ର କହିଛନ୍ତି।

## ଶିକ୍ଷକଙ୍କ ଦିନକର ଦରମା ବନ୍ଦ ପ୍ରସଙ୍ଗ
## ନିର୍ଦ୍ଦେଶ ପ୍ରତ୍ୟାହାର ପାଇଁ ଦାବିପତ୍ର

### ମିଳିତ ଶିକ୍ଷକ ମଞ୍ଚର ନିନ୍ଦା

**ଖୋର୍ଦ୍ଧା ଅଫିସ,୧୮।୩:** କାର୍ଯ୍ୟରେ ଅବହେଳା ନେଇ ଖୋର୍ଦ୍ଧା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ)ଙ୍କ ପକ୍ଷରୁ କଦଳିବାଡ଼ି ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରସନ୍ନ କୁମାର ମହାପାତ୍ରଙ୍କ ଗୋଟିଏ ଦିନର ଦରମା ବନ୍ଦ ଆଦେଶକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମିଳିତ ଶିକ୍ଷକ ମଞ୍ଚ ଖୋର୍ଦ୍ଧା ଏହାର ତୀବ୍ର ପ୍ରତିବାଦ କରିଛି। ଶନିବାର ଏହି ଆଦେଶନାମାକୁ ପ୍ରତ୍ୟାହାର ନେଇ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ.ଅମ୍ରିତା ପ୍ରୀତିନନ୍ଦା ଏବଂ ବ୍ଲକ ଶିକ୍ଷାଧିକାରୀ ରାଉତଙ୍କ ଅନୁପସ୍ଥିତିରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭରତଚନ୍ଦ୍ର ପ୍ରଧାନଙ୍କୁ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି।

ଏଥିରେ ଦର୍ଶାଯାଇଛି, କଦଳିବାଡ଼ି ସ୍କୁଲର ସହାୟକ ଶିକ୍ଷକ ସହ ବିଏଲ୍‌ଓ ସୁପରଭାଇଜର ଭାବେ ମହାପାତ୍ର ଦାୟିତ୍ୱ ତୁଲାଉଛନ୍ତି। ଗତ ମଙ୍ଗଳବାର ଖାଇବା ଛୁଟି ପରେ ମହାପାତ୍ର ନିକଟ ବିଦ୍ୟାଳୟକୁ ଯାଇଥିଲେ। ଭୋଟର ପରିଚୟପତ୍ରରେ ଆଧାର ଲିଙ୍କ୍ କାର୍ଯ୍ୟରେ ଶିକ୍ଷକମାନେ ନିୟୋଜିତ ଅଛନ୍ତି। ସମ୍ପୃକ୍ତ ବିଦ୍ୟାଳୟର ବିଏଲଓ ଦାୟିତ୍ୱରେ ଥିବା ଶିକ୍ଷକଙ୍କ ସହ ଏନେଇ ଜରୁରୀ ଆଲୋଚନା କରିବାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ଉକ୍ତ ବିଦ୍ୟାଳୟ ପରିଦର୍ଶନରେ ଯାଇଥିବା ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କ ସହ ଗେଟ୍ ପାଖରେ ଦେଖା ହୋଇଥିଲେ। ଏଠାରେ କ'ଣ କରୁଛନ୍ତି ବୋଲି ବିଇଓ ପଚାରିଥିଲେ। ବିଇଓଙ୍କୁ ଆସିବାର କାରଣ କହି ମହାପାତ୍ର ନିଜ ବିଦ୍ୟାଳୟକୁ ଆସିଥିଲେ। ତେବେ ତାଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିବା ପରିବର୍ତ୍ତେ ଦିନକର ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଜାରି କରିବା ଆଇନସଙ୍ଗତ ନୁହେଁ। ଶିକ୍ଷା ଅଧିକାରୀଙ୍କ ଏଭଳି ପଦକ୍ଷେପକୁ ମିଳିତ ଶିକ୍ଷକ ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ସୁଧାକର ମହାପାତ୍ର, ପ୍ରକାଶ ପଲାଇ, ଅଗାଧୁ ସେଠୀ, ମୃତ୍ୟୁଞ୍ଜୟ ମହାପାତ୍ର, ଶରତ ଚନ୍ଦ୍ର ରାଉତ, ବିଭୁପ୍ରସାଦ ହରିଚନ୍ଦନ, ପ୍ରକାଶ କୁମାର ମୁଦୁଲି, ଅଭିରାମ ବେହେରା, ସୁଶାନ୍ତ କୁମାର ମିଶ୍ର, ଶୁଭଲକ୍ଷ୍ମୀ ଦାସ ଉପସ୍ଥିତ ଥିଲେ।









୧୮।୩।୨୦୨୩

| | |
|---|---|
| ୩,୯୦,୬୨୮ ଟଙ୍କା | |
| ସୁନା | ୧.୨୦୦ ଗ୍ରାମ୍ |
| ରୁପା | ୯୯ ଗ୍ରାମ୍ |

## ଆଜି କ'ଣ କେଉଁଠି

ପୁରୀ

- ଟେଡି କିଡ୍ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ, ପୌର ସଦନ ସମ୍ମିଳନୀ ଗୃହ, ସକାଳ ୯ଟା।
- ବ୍ରାହ୍ମଣ ମହାସଂଘର ସାଧାରଣ ଅଧିବେଶନ, ଅନ୍ନପୂର୍ଣ୍ଣା ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା।
- ସୁରକ୍ଷା ପକ୍ଷରୁ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିର ଉଦ୍‌ଯାପନୀ ଉତ୍ସବ, ୱାଟର ପାର୍କ, ମାଳତୀପାଟପୁର, ମଧ୍ୟାହ୍ନ ୧୨ଟା।

# ମତ୍ସ୍ୟମିତ୍ରଙ୍କୁ କାର୍ଯ୍ୟରେ ନିୟୋଜିତ କରିବାକୁ ଦାବି

ପୁରୀ ଅଫିସ ୧୮।୩

ମତ୍ସ୍ୟମିତ୍ରମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଦାବି କରି ଶନିବାର ମତ୍ସ୍ୟମିତ୍ର ସଂଘ ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ଏବଂ ମିଶନ ଶକ୍ତି ବିଭାଗକୁ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜିଲାରେ ମୁଖ୍ୟତଃ ତିନି ପ୍ରକାରର ପାଣି ଉପଲବ୍ଧ ଯଥା (ମଧୁର, ଖାରୀ ଏବଂ ଲୁଣି)। ଯଦିଓ ଠିକ୍ ଭାବରେ ପାଣିକୁ ବ୍ୟବହାର କରାଯାଏ, ତେବେ ମତ୍ସ୍ୟ ଉତ୍ପାଦନରେ ଆମ ରାଜ୍ୟ ଏକ ନମ୍ବର ହୋଇପାରିବ। ଓଡ଼ିଶାର ପୁରପଲ୍ଲୀରେ ରହୁଥିବା ଗ୍ରାମୀଣ ଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ, କୁଶଳୀ, ଅଣକୁଶଳୀ ମତ୍ସ୍ୟଚାଷୀଙ୍କ ଆୟକୁ ବହୁଗୁଣିତ କରିବା ପାଇଁ ମତ୍ସ୍ୟସମ୍ପଦ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାରେ ଥିବା ପର୍ଯ୍ୟାପ୍ତ ପରିମାଣର ଜଳସମ୍ପଦର ସୁବିନିଯୋଗ ହୋଇ ମାଛ, ଚିଙ୍ଗୁଡ଼ି, କଙ୍କଡା ଇତ୍ୟାଦି ଉତ୍ପାଦନ କରି ଚାଷୀଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି କରିହେବ। ଓଡ଼ିଶାରୁ ଲକ୍ଷ ଲକ୍ଷ ଟନ ମତ୍ସ୍ୟ ଉତ୍ପାଦନର କ୍ଷମତା ଥିଲେ ମଧ କମ୍ ମତ୍ସ୍ୟ ଉତ୍ପାଦିତ ହେଉଛି। ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇ ଉତ୍ପାଦନର ଲକ୍ଷ୍ୟ ହାସଲ କରାଯିବା ସହ ମତ୍ସ୍ୟ ଚାଷୀଙ୍କୁ ବୈଷୟିକ ଏବଂ ଆର୍ଥିକ ବିକାଶ ପାଇଁ ଆଧୁନିକ ଜ୍ଞାନକୌଶଳ ପ୍ରଦାନ ନିମନ୍ତେ ମତ୍ସ୍ୟମିତ୍ରର ନୂଆ କରି ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମିଳିତ ପଦକ୍ଷେପରେ ଏକ ପଦବୀ ସୃଷ୍ଟି କରିଥିଲେ। ପରେ ୨୦୨୦ ଡିସେମ୍ବରରେ ନିଯୁକ୍ତି ସମ୍ବନ୍ଧରେ ପତ୍ର ବାହାରିଲା। ଏହା ଓଡ଼ିଶାର ଦୁଇଟି ଜିଲା (ପୁରୀ, ବାଲେଶ୍ୱର)ର ନିର୍ଦ୍ଦିଷ୍ଟ ବ୍ଲକରୁ ୨ ଜଣ ଲେଖାଏ ପ୍ରଶିକ୍ଷଣ ନିମନ୍ତେ ଚୟନ କରାଯାଇଥିଲା । ବାଲେଶ୍ୱରରୁ ୨୪ଜଣ ଏବଂ ପୁରୀରୁ ୨୩ ଜଣଙ୍କୁ ଚୟନ କରାଯାଇଥିଲା। ପ୍ରଶିକ୍ଷଣ ପାଇଁ ବାଲେଶ୍ୱରର ରେମୁଣା ଏବଂ ପୁରୀରେ ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନ ଉତ୍ସବରେ କେନ୍ଦ୍ରର ଯୁଗ୍ମ ସେକ୍ରେଟେରୀ, ଜିଲାପାଳ, ଉପଜିଲାପାଳ, ଜିଲା ମତ୍ସ୍ୟ ଅଧିକାରୀ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ୨ମାସର ପ୍ରଶିକ୍ଷଣରେ ଆଧୁନିକ ଜ୍ଞାନକୌଶଳ ଦ୍ୱାରା ମତ୍ସ୍ୟ ଉତ୍ପାଦାନ ସମ୍ପର୍କରେ ମତ୍ସ୍ୟ ଚାଷ ଓ ସରକାରୀ ସମସ୍ତ ଯୋଜନା ସମ୍ବନ୍ଧରେ ଅବଗତ କରାଇ ମତ୍ସ୍ୟ ସମ୍ପର୍କିତ ପ୍ରଶିକ୍ଷଣ ଦିଆଯାଇଥିଲା। କିନ୍ତୁ ବିଡମ୍ବନାର ବିଷୟ ଯେ, ଦୀର୍ଘ ୨ବର୍ଷ ହେବ ପ୍ରଶିକ୍ଷଣ ନେଇ ମଧ କୌଣସି କାର୍ଯ୍ୟରେ ନିୟୋଜିତ କରାଯାଇନାହିଁ। ଓଏଲଏମ୍ ତରଫରୁ ଆସିଥିବା ନିର୍ଦ୍ଦେଶାବଳୀ ବାହାରିଥିଲେ ମଧ ଏହାକୁ ଜିଲା ଏବଂ ବ୍ଲକ ଅଧିକାରୀ କାର୍ଯ୍ୟକାରୀ କରିଲେ ନାହିଁ। ତେଣୁ ଓଏଲଏମ୍ ତରଫରୁ ଆସିଥିବା ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରାଯାଇ ମତ୍ସ୍ୟମିତମାନଙ୍କୁ କାର୍ଯ୍ୟରେ ନିୟୋଜିତ କରି ଉଚିତ୍ ଅର୍ଥ ପ୍ରଦାନ କରିବାକୁ ମତ୍ସ୍ୟମିତ୍ର ସଂଘ ଦାବି କରିଛି।


ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମତ୍ସ୍ୟମିତ୍ର ସଂଘର ସଦସ୍ୟ।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

# ଠାକୁରଙ୍କ ମାଲିକାନା ଫେରାଇ ଅଣାଯାଉ

ସାକ୍ଷୀଗୋପାଳ, ୧୮।୩(ଡି.ଏନ୍.ଏ/ସ୍ୱ.ପ୍ର.)

### ସାକ୍ଷୀଗୋପାଳ ମନ୍ଦିର ପରିଚାଳନା କମିଟି ବୈଠକ

ପୁରୀ ଜିଲା ସାକ୍ଷୀଗୋପାଳ ମନ୍ଦିର ପରିଚାଳନା କମିଟି ବୈଠକ ଶନିବାର ସାକ୍ଷୀଗୋପାଳ ପାନ୍ଥଶାଳାରେ ଅନୁଷ୍ଠିତ ହୋଇଛି। କମିଟି ସଭାପତି ତଥା ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟତଃ ମନ୍ଦିର ଅଞ୍ଚଳ ଆକର୍ଷଣ, ଆୟବୃଦ୍ଧି, ଶ୍ରଦ୍ଧାଳୁଙ୍କ ପାଇଁ ମୌଳିକ ସୁବିଧା ପ୍ରତି ବୈଠକରେ ଗୁରୁତ୍ୱ ଦିଆଯାଇଛି। ପରିଚାଳନା କମିଟି ପକ୍ଷରୁ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଠାକୁରଙ୍କ ବିଜେସ୍ଥଳୀ ତୀର୍ଥ ପୁଷ୍କରିଣୀ ରାଧାକୁଣ୍ଡକୁ ମନ୍ଦିର ପ୍ରଶାସନ ବିକ୍ରି କରି ଦେଇଥିବା ଜାଗାରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରାଚୀର ନିର୍ମାଣ ହେଉଛି, ଯାହା ଠାକୁରଙ୍କ ଦେବନୀତିରେ ବ୍ୟାଘାତ ସୃଷ୍ଟି କରିବ। ଏଣୁ ଏହା ଠାକୁରଙ୍କ ମାଲିକାନାକୁ ଫେରାଇ ଆଣିବାକୁ ସେବାୟତ ସଂଘ ଲିଖିତ ଅଭିଯୋଗ କରିଥିଲେ। ପାର୍କିଂ ଫିସ୍, କର୍ମଚାରୀଙ୍କ ବେତନ ବୃଦ୍ଧି, ମନ୍ଦିର ମଧ୍ୟକୁ ମୋବାଇଲ ଆଦି ନେବା ଧରାପଡିଲେ ୧ହଜାର ଟଙ୍କା ଜରିମାନା, ଅସ୍ଥାୟୀ ଜୋତା ଷ୍ଟାଣ୍ଡ ଖୋଲିବା ସହ ଅନେକ ଦାବି ହୋଇଛି। ଏଥିସହ ଦେବନୀତିରେ ବିଭ୍ରାଟ କରୁଥିବା ସେବାୟତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ବୈଠକରେ ଆଲୋଚନା କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଥିବା ଜଣାପଡିଛି। ବୈଠକରେ ପରିଚାଳନା କମିଟି ସଦସ୍ୟ ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂ, ବିଡିଓ ଲୋଚନ ଦାସ, ଆଇଆଇସି ବିଜୟ କେତନ ବେହେରାଙ୍କ ସହିତ ବ୍ଲକ ଅଧକ୍ଷ ସୁନୀଲ ପଣ୍ଡା, ସେବାୟତ ସଂଘ ସଭାପତି ଶ୍ରୀବତ୍ସ ମହାପାତ୍ର, ସମ୍ପାଦକ ବିଜୟ ନନ୍ଦ, ସରପଞ୍ଚ ଆରାଧନା ସାମନ୍ତରାୟ, ଚିନ୍ମୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ଉମାକାନ୍ତ ସାମନ୍ତରାୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

# ଖଡ଼ିପଦା ମେଳଣ, ଯାତ୍ରା ମହୋତ୍ସବ ଉଦ୍‌ଯାପିତ

ପୁରୀ ଅଫିସ,୧୮।୩

ପୁରୀ ସଦର ଖଡ଼ିପଦା ମେଳଣ ଓ ଯାତ୍ରା ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମାଆ ଯଜ୍ଞେଶ୍ୱରୀ ଯୁବକ ସଂଘ ଓ ଖଡିପଦା ଗ୍ରାମବାସୀଙ୍କ ପରିଚାଳନାରେ ବାଙ୍କବିହାରୀ ଦେବ ଓ ନୀଳକଣ୍ଠେଶ୍ୱର ଦେବଙ୍କ ପୂଜାର୍ଚ୍ଚନା ପରେ ପୁରୀ ବ୍ଲକ ଚେୟାରମେନ ତଥା ଅଭିନେତା-ନିର୍ଦ୍ଦେଶକ ଦିବାକର ପାତ୍ରଙ୍କ ପରିଚାଳନାରେ ୫ଦିନ ବ୍ୟାପୀ ଚାଲିଥିଲା। ଉତ୍ସବର ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ବଦ୍ରି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଖୋର୍ଦ୍ଧା ଜିଲା ପରିଷଦର ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଏମ୍‌ପି ପିନାକୀ ମିଶ୍ରଙ୍କ ସ୍ୱତନ୍ତ୍ର ପ୍ରତିନିଧି ରଶ୍ମିରଞ୍ଜନ ସ୍ୱାଇଁ, ହାବିଲଦାର ମହାସଂଘ ସମ୍ପାଦକ ପ୍ରକାଶ ଆଚାର୍ଯ୍ୟ, କିନ୍ନର ଆସୋସିଏଶନ୍ ସମ୍ପାଦିକା ପ୍ରିୟାଂଶୀ ଦାସ, ସାମାଜିକ କର୍ମୀ ପୀତବାସ ନାୟକ, ପ୍ରକାଶ ମିଶ୍ର, ବାଲୁଙ୍କେଶ୍ୱର ସାହୁ, ସୁଶାନ୍ତ ଦାସ, ଯୁବ ସଂଗଠକ ବିଜୟ ମାଝି ଓ ବାଲିଗୁଆଳି ପଞ୍ଚାୟତର ମୁଖିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ଦିନରେ ଏହି ମହୋତ୍ସବରେ ମାଆ ଯଜ୍ଞେଶ୍ୱରୀ ନାଟ୍ୟ ସଂସଦ ଖଡିପଦା ପକ୍ଷରୁ 'କହ୍ନେଇରାଜା-ମୋ ବାଇଦ ବଜା', ମାଆ ଭଗବତୀ ନାଟ୍ୟ ସଂସଦ ଶାସନ ଦାମୋଦରପୁର ପକ୍ଷରୁ 'ଦୁଃଖୀ ମଣିଷର ଇଜ୍ଜତ କେତେ', ବଜରଙ୍ଗୀ ନାଟ୍ୟ ସଂସଦ ମଙ୍ଗଳାଘାଟ ପକ୍ଷରୁ 'ଅସତୀ ତୁଳସୀ -ସତୀ ଚୌରା', ମେଲୋଡି ଓ ଉଦ୍‌ଯାପନ ଦିବସରେ ଗୋପାଳଜୀଉ ନାଟ୍ୟ ସଂସଦ ବାଲିଗୁଆଳି ପକ୍ଷରୁ 'ଭୁଲ ତୋର-ଭୋଗୁଛି ମୁଁ' ଯାତ୍ରା ସଫଳତାର ସହ ମଞ୍ଚସ୍ଥ ହୋଇଥିଲା। ଏଥିସହ ମେଳଣରେ ମଧ ଖଡ଼ିପଦାର ଠାକୁରଙ୍କ ମେଳଣ ଉତ୍ସାହର ସହ ହୋଇଥିଲା। ଏହି ଅବସରରେ କ୍ରମାଗତ ୩୫ବର୍ଷ ଧରି ଖଡିପଦାରେ ମେଳଣ ଓ ଯାତ୍ରା ମହୋତ୍ସବର ସଫଳତା ପାଇଁ ଦିବାକର ପାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ଚୋରି ଜିନିଷ ନେବାବେଳେ ଥକି ରାସ୍ତାରେ ଶୋଇପଡ଼ିଲେ ଲୁଟେରା

### ୩ଜଣଙ୍କୁ ଗିରଫ କଲା ପୋଲିସ

ଭୁବନେଶ୍ୱର,୧୮।୩(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀବିହାର ଅଞ୍ଚଳର ଏକ ଘରୁ ଓ କିଛି ଦୋକାନରୁ ଜିନିଷ ଚୋରି କଲେ। ପରେ ଚୋରି ସାମଗ୍ରୀକୁ ୩ଲୁଟେରା କାନ୍ଧରେ ବୋହିକି ନେଉଥିବାବେଳେ ରାସ୍ତାରେ ଥକି ପଡ଼ି ଶୋଇପଡ଼ିଲେ। ରାସ୍ତାରେ ଶୋଇଥିବାରୁ ପିସିଆର୍ ଭ୍ୟାନ୍ ପହଞ୍ଚି ସେମାନଙ୍କୁ ପଚରାଉଚରା କରିବା ସହ ବସ୍ତାରେ କ'ଣ ଅଛି ବୋଲି ପଚାରିଥିଲା। ହେଲେ କୌଣସି ସନ୍ତୋଷଜନକ ଉତ୍ତର ନ ପାଇବାରୁ ସେଗୁଡ଼ିକୁ ଯାଞ୍ଚ କରିଥିଲା। ଯାଞ୍ଚ ସହ ପଚରାଉଚରା ପରେ ଧରାପଡିଥିବା ୩ ଲୁଟେରା ସମସ୍ତେ ଏହାକୁ ଚୋରି କରିଥିବା କହିଥିଲେ। ସେମାନେ ହେଲେ ଇନ୍‌ଫୋସିଟି ଅଞ୍ଚଳର ରବି କିସ୍କୁ,ସନ୍ତୋଷ ସେଠୀ, ଲିଙ୍ଗରାଜ ସାହୁ।

# ୧୦ କିଲୋ ଗଞ୍ଜେଇ ଜବତ, ବେପାରୀ ଗିରଫ

ବାଲକାଟୀ,୧୮।୩(ଡି.ଏନ୍.ଏ.)

ବାଲକାଟୀ ବଜାରର ଏକ ଦୋକାନରେ ଚଢାଉ କରି ବାଲିଅନ୍ତା ଥାନା ପୋଲିସ ଜଣେ ନିଶା ବ୍ୟବସାୟୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲକାଟୀ ହାଇସ୍କୁଲ ନିକଟରେ ରହୁଥିବା ରଞ୍ଜନ ସେନାପତି(୪୭)। ଏନେଇ ଏନ୍‌ଡିପିଏସ୍ ଆକ୍ଟରେ ୧୧୫/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଚଢ଼ାଉରେ ୧୦ କିଲୋ ଗଞ୍ଜେଇ ଜବତ ହୋଇଛି। ସୂଚନା ମୁତାବକ, ବାଲକାଟୀ ଫାଣ୍ଡି ଅଞ୍ଚଳରେ ଚୋରା ମଦ, ଗଞ୍ଜେଇ, ଭାଙ୍ଗ ଏବଂ ଧଳା ଜହର କାରବାର ଚାଲିଥିଲା। ପୋଲିସ ଖବରପାଇ ସେଠାରେ ଚଢାଉ କରିଥିଲା।















ଭୁବନେଶ୍ୱରରେ ଶନିବାର ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀ ବର୍ଷା ସମୟର ଦୃଶ୍ୟ।

## 'ନୀଳକଇଁ'ର ବାର୍ଷିକ ସାରସ୍ୱତ ସମ୍ମିଳନୀ

ଭୁବନେଶ୍ୱର,୧୮।୩(ବ୍ୟୁରୋ)- ସାରସ୍ୱତ ସଂଗଠନ 'ନୀଳକଇଁ'ର ଦ୍ୱିଦିବସୀୟ ବାର୍ଷିକ ସାରସ୍ୱତ ସମ୍ମିଳନୀ ଭୁବନେଶ୍ୱର ଲୋହିଆ ଏକାଡେମୀରେ ଉଦ୍‌ଘାଟିତ ହୋଇଛି। ଡ. ଶକୁନ୍ତଳା ବଳିଆରସିଂହ, ଡ. ପ୍ରୀତିରାୟ ଚାନ୍ଦ, ଶରତ କୁମାର ଭଦ୍ର, ଡ. ଅଜୟ କୁମାର ସ୍ୱାଇଁ, ବନୋଜ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ସମ୍ମାନରେ 'ଓଡ଼ିଆ ଗପ ବା ଉପନ୍ୟାସରେ ଓଡ଼ିଶା', ଦ୍ୱିତୀୟ ସମ୍ମାନରେ 'ଓଡ଼ିଆ କବିତାରେ ଯୁବସ୍ୱର' ତୃତୀୟ ସମ୍ମାନରେ 'ଓଡ଼ିଆ ନାଟକ ଓ ସିନେମାର ନବ ଦିଗନ୍ତ' ଓ ଚତୁର୍ଥ ସମ୍ମାନରେ 'ଓଡ଼ିଶା ପତ୍ରପତ୍ରିକାରେ ନବ ସ୍ୱାକ୍ଷର' ସମ୍ପର୍କିତ ଆଲୋଚନା ହୋଇଥିଲା। ସମ୍ମିଳନୀରେ 'ନୀଳକଇଁ ପତ୍ରିକା'ର ସମ୍ପାଦିକା ସସ୍ମିତା ଦାସ ସ୍ୱାଗତ ଭାଷଣ ଓ ପ୍ରମୋଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ମାଧବ ବେହେରା, ଡ. ରଜନୀ ରଞ୍ଜନ, ସୁବାସ ଚନ୍ଦ୍ର ରଥ, ଅଭିରାମ ଦାସ, ଦିଲୀପ ବିଶ୍ୱାଳ, ଅଭିନ୍ନ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ।

# ମାଙ୍କଡ଼ ବୁଲାକୁ ନେଇ ପୁଣି ଅଡୁଆରେ ଭଦ୍ର ଦମ୍ପତି

ଭୁବନେଶ୍ୱର, ୧୮।୩(ବ୍ୟୁରୋ)

ମାଙ୍କଡ଼ଙ୍କୁ ନେଇ ଭିଡିଓ ଶୁଟିଂ କରି ସୋସିଆଲ ମେଡିଆରେ ପୋଷ୍ଟ କରୁଥିବା ଯାଜପୁର ଜିଲାର ମୋନାଲିସା ଓ ତାଙ୍କ ସ୍ୱାମୀ ବଦ୍ରି ନାରାୟଣ ଭଦ୍ର ଏବେ ପୁଣି ଅଡୁଆରେ ପଡ଼ିଛନ୍ତି। ଗତ କିଛିଦିନ ତଳେ ୩ଟି ହନୁ ମାଙ୍କଡ଼ଙ୍କୁ ଧରି ମଧ୍ୟପ୍ରଦେଶ ଯାଇ ବାଗେଶର ଧାମରେ ବୁଲା ବୁଲି କରି ଭିଡିଓକୁ ଉଭୟ ଫେସ୍‌ବୁକ ଏବଂ ୟୁଟ୍ୟୁବ୍‌ରେ ପୋଷ୍ଟ କରିଥିଲେ। ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଉକ୍ତ ଭିଡିଓକୁ ନେଇ ଭଦ୍ର ଦମ୍ପତିଙ୍କ ବିରୋଧରେ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ଇମେଲ୍ ଜରିଆରେ ଚିଠି ଲେଖିଛନ୍ତି। ଏହି ଚିଠିର ନକଲ ବନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ ଏବଂ ୱାଇଲ୍ଡ ଲାଇଫ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋର ଅତିରିକ୍ତ ନିର୍ଦ୍ଦେଶକଙ୍କୁ ମଧ୍ୟ ଦେଇଛନ୍ତି।

ଶୁଭେନ୍ଦୁ କହିଛନ୍ତି, ହନୁ ମାଙ୍କଡ଼ ବନ୍ୟପ୍ରାଣୀ ଆଇନରେ ସଂରକ୍ଷିତ ପ୍ରାଣୀ। ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯେ କୌଣସି ବନ୍ୟପ୍ରାଣୀ ନେବାକୁ ହେଲେ ଉଭୟ ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ଅନୁମତି ଆବଶ୍ୟକ ହୋଇଥାଏ। ବିନା ପରିଶ୍ରମରେ ଡ୍ରାମା କରି ସୋସିଆଲ ମିଡିଆରୁ ଟଙ୍କା ରୋଜଗାର ହେଉଥିବାରୁ ଭଦ୍ର ଦମ୍ପତି ଏଭଳି ପନ୍ଥା ଆପଣେଇଛନ୍ତି। ତେଣୁ ତାଙ୍କର ବେଆଇନ ରୋଜଗାର ଅର୍ଥ ବା ସମ୍ପତ୍ତିକୁ ଜବତ କରିବା ଉଚିତ। ବନ୍ୟପ୍ରାଣୀ ଆଇନ ଯୋଗୁ ମାଙ୍କଡ଼ ନାଚ ବନ୍ଦ ହେଲା। ଫଳରେ ମାଙ୍କଡ଼ିଆ କେଳାମାନେ ଜୀବିକା ହରେଇଲେ। ହେଲେ ଭଦ୍ର ଦମ୍ପତିଙ୍କ ଖୁଲମଖୁଲା ଏପରି ବେଆଇନ କାମ ଯୋଗୁ ଅନ୍ୟମାନେ ମଧ୍ୟ ବନ୍ୟପ୍ରାଣୀଙ୍କ ସହିତ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିବା ପାଇଁ ପ୍ରୋତ୍ସାହନ ପାଉଛନ୍ତି ବୋଲି ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଶୁଭେନ୍ଦୁ ଆହୁରି ମଧ୍ୟ କହିଛନ୍ତି, ଏହି ଦମ୍ପତି ପୂର୍ବରୁ ମଧ୍ୟ ମାଙ୍କଡ଼ ନାଚ, ନାଗସାପ ଦାନ୍ତ ଭାଙ୍ଗିବା, ସାପକୁ ବେକରେ ପକାଇ ନାଗିନ ଡ୍ୟାନ୍ସ ଭିଡିଓ ଶୁଟିଂ କରି ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ରାଜ୍ୟ ବନ ବିଭାଗ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସେ ଏଭଳି କାମ କରିବାକୁ ସାହସ ପାଉଛନ୍ତି ବୋଲି ଶୁଭେନ୍ଦୁ କହିଛନ୍ତି। ଏହି ଅଭିଯୋଗ ଆଧାରରେ ବନ ବିଭାଗ ପଦକ୍ଷେପ ନେବାକୁ ଅଣ୍ଟା ଭିଡିଥିବା ସୂଚନା ମିଳିଛି।

## ବୋର୍ଡ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ସମାଲୋଚନା

### ମାଟ୍ରିକ ପ୍ରଶ୍ନପତ୍ରରେ ତ୍ରୁଟି

ଭୁବନେଶ୍ୱର, ୧୮।୩ (ବ୍ୟୁରୋ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ପରିଚାଳିତ ମାଟ୍ରିକ ପରୀକ୍ଷାର ଶନିବାର ସାମାଜିକ ବିଜ୍ଞାନ ପ୍ରଶ୍ନପତ୍ରରେ ଗୁରୁତର ତ୍ରୁଟି ଦେଖିବାକୁ ମିଳିଥିଲା। ଏଥିପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ କଡ଼ା ସମାଲୋଚନା କରିଛି ନୂତନ ପେନସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ। ଏହାର ରାଜ୍ୟ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି, ପ୍ରଶ୍ନପତ୍ର ଉପରେ ସେଟ୍-ବି ଲେଖାଥିବାବେଳେ ଭିତରେ ଏକାଧିକ ପୃଷ୍ଠାରେ ସେଟ୍-ଏ ଲେଖାଥିଲା, ଅର୍ଥାତ ବି-ସେଟ୍ ଅବଜେକ୍ଟିଭ ପ୍ରଶ୍ନପତ୍ରରେ ଏ-ସେଟ୍ ଯୋଡ଼ାଯିବା ସହ ଏକାଧିକ ପ୍ରଶ୍ନ ଦୁଇଥର ଲେଖାଏ ଛପା ଯାଇଛି। ସେହିପରି ପ୍ରଶ୍ନ ପତ୍ରରେ ୧୯ ନମ୍ବର ପ୍ରଶ୍ନଟି ଆଦୌ ଛପା ଯାଇ ନ ଥିବା ଦେଖିବାକୁ ମିଳିଛି। ତେଣୁ ପ୍ରୁଭ୍ ରିଡିଂ ଦାୟିତ୍ୱରେ ଥିବା ଅଧିକାରୀମାନେ ତାଙ୍କ କାର୍ଯ୍ୟକୁ ଠିକ ଭାବରେ ତୁଲେଇ ନ ଥିବା ଜଣାପଡୁଛି। ଏଭଳି ବିଭ୍ରାଟ ମେଧାବୀ ଛାତ୍ରୀଛାତ୍ରଙ୍କ ଉପରେ ଖରାପ ପ୍ରଭାବ ପକାଇବ। ତେଣୁ ବୋର୍ଡ/ସରକାର ପ୍ରତ୍ୟେକ କାର୍ଯ୍ୟ ନିମନ୍ତେ ଶିକ୍ଷକଙ୍କ ମତାମତକୁ ଗ୍ରହଣ କରିବା ସହ ସମସ୍ତ କାର୍ଯ୍ୟରେ ଶିକ୍ଷକଙ୍କୁ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତା ରହିଛି। ଏଭଳି ଭୁଲ୍ ପ୍ରଶ୍ନ ପାଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ମାର୍କ ଦେବାକୁ ସଂଘ ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ, ମହାସଚିବ ବିଶ୍ୱଜିତ ବିଶ୍ୱାଳ, କୋଷାଧ୍ୟକ୍ଷ ପଞ୍ଚାନନ ଜେନା, ଆବାହକ ନିରୋଦ ରଥ ଏବଂ ମିଡ଼ିଆ ସମ୍ପାଦକ ଚନ୍ଦ୍ରକାନ୍ତ ପଣ୍ଡା ଦାବି କରିଛନ୍ତି।

# ବିଜ୍ଞାନ ଶିକ୍ଷକଙ୍କ ବିକାଶମୂଳକ କାର୍ଯ୍ୟକ୍ରମ




ବିକାଶମୂଳକ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅଂଶଗ୍ରହଣ କରିଥିବା ଶିକ୍ଷକ ଓ ଅନ୍ୟମାନେ।

ଭୁବନେଶ୍ୱର,୧୮।୩(ବ୍ୟୁରୋ)

ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିରେ ବିଜ୍ଞାନ ଶିକ୍ଷକଙ୍କ ପାଇଁ ଦୁଇଦିନିଆ ବିକାଶମୂଳକ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ୟୁକେସ୍ଥିତ ରୟାଲ ସୋସାଇଟି ଅଫ୍ କେମିଷ୍ଟ୍ରି ଓ କିଟ୍ ସହିତ ମିଳିତ ଭାବରେ 'ଜିଜ୍ଞାସା'ର ଅଂଶ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୩ ସ୍କୁଲ ଶିକ୍ଷକ ଓ ୧୫ଜଣ ଗବେଷକ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜୟା ପି. ସ୍ୱାମୀନାଥନ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ପାଠ୍ୟ ପୁସ୍ତକଗୁଡ଼ିକର ବୈଜ୍ଞାନିକ ଧାରଣା ପାଇଁ ପରୀକ୍ଷଣଗୁଡିକ କିପରି ଡିଜାଇନ କରାଯିବ ସେ ବିଷୟରେ କହିଥିଲେ। ଅଂଶଗ୍ରହଣକାରୀଙ୍କୁ ବୃତ୍ତିଗତ ବିକାଶ ତାଲିମ ଓ ହ୍ୟାଣ୍ଡ-ଅନ୍ ଲାବରେଟୋରି ପରୀକ୍ଷଣ ଦିଆଯାଇଥିଲା। ଏହା ବ୍ୟତୀତ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅନେକ ପରୀକ୍ଷାମୂଳକ ସେଟ୍‌ଅପ୍ ପ୍ରଦର୍ଶନ କରାଯାଇଥିଲା। ପ୍ରଥମଦିନ ଖଣିଜ ପ୍ରକ୍ରିୟାକରଣ ଓ ଆଇଏମ୍‌ଏମ୍‌ଟିର ହାଇଡ୍ରୋମେଟାଲର୍ଜି ପାଇଲଟ ପ୍ଲାଣ୍ଟଗୁଡିକ ପାଇଁ ଏକ ଲାବରେଟୋରି ପରିଦର୍ଶନ କରାଯାଇଥିଲା। ଦ୍ୱିତୀୟ ଦିନରେ ଅଂଶଗ୍ରହଣକାରୀମାନେ ଜିଜ୍ଞାସାର ଔଷଧୀୟ ଉଦ୍ୟାନ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ବରିଷ୍ଠ ମୁଖ୍ୟ ବୈଜ୍ଞାନିକ ଡ. ବିକାଶ କୁମାର ଜେନା ସଂଯୋଜନା କରିଥିଲେ। ଜିଜ୍ଞାସାର ନୋଡାଲ ବୈଜ୍ଞାନିକ ଡ. ଦେବୀ ପ୍ରସାଦ ଦାସ ଭାରତରେ ରୟାଲ ସୋସାଇଟି ଅଫ୍ କେମିଷ୍ଟ୍ରି ଦ୍ୱାରା ଏହି ପରୀକ୍ଷାମୂଳକ ଶିକ୍ଷାକୁ ପ୍ରଶଂସା କରିଥିଲେ। ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ଡ. ଜି. ନରହରି ଶାସ୍ତ୍ରୀ ମାର୍ଗଦର୍ଶନ କରିଥିଲେ। ଡ. ସନ୍ତୋଷ କୁମାର ବେହେରା, ଡ. ମମତା ମହାପାତ୍ର, ଡ. ଚିନ୍ମୟ ସାରଙ୍ଗୀ, ପଲ୍ଲିଶ୍ରୀ ପୃଷ୍ଟି, ନିଗମାନନ୍ଦ ରାଇ, ଜିତେନ୍ଦ୍ରନାଥ ପଣ୍ଡା, ଡ. ସହିନ ଅନ୍‌ୱାର ପ୍ରମୁଖ ଲାବ ପରିଦର୍ଶନ ଓ ପ୍ରଦର୍ଶିତ ପରୀକ୍ଷାମୂଳକ ସେଟ୍‌ଅପ୍ ସଂଯୋଜନା କରିଥିଲେ।

# କିଟ୍ ପକ୍ଷରୁ ପଟିଆରେ ନିଯୁକ୍ତି ମେଳା

### ୧୨୫ଜଣଙ୍କୁ ନିଯୁକ୍ତିପତ୍ର ଦେଲେ ଅଚ୍ୟୁତ ସାମନ୍ତ

ଭୁବନେଶ୍ୱର, ୧୮।୩(ବ୍ୟୁରୋ)

ପଟିଆ ଗ୍ରାମ ମଙ୍ଗଳ ସମିତି ପକ୍ଷରୁ ପଟିଆ ଗାଁରେ ଶନିବାର ସ୍ୱତନ୍ତ୍ର ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଟିଆ ଗାଁର ୧୨୫ ଯୁବପିଢ଼ିଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସାମନ୍ତ କହିଥିଲେ, କିଟ୍ ଆଜି ଯେଉଁ ସ୍ଥାନରେ ପହଞ୍ଚିଛି ସେଥିପାଇଁ ପଟିଆବାସୀଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଆସିଛି। ଆମେ ସବୁବେଳେ ପଟିଆ ଓ ପଟିଆବାସୀଙ୍କୁ ନେଇ ଗର୍ବ ଅନୁଭବ କରିଥାଉ। ପଟିଆର କିଛି ଯୁବପିଢ଼ିଙ୍କୁ କିଟ୍‌ରେ ନିଯୁକ୍ତି ଦେବା ପାଇଁ ପଟିଆ ଗ୍ରାମ ମଙ୍ଗଳ ସମିତି ପକ୍ଷରୁ ଅନୁରୋଧ କରାଯାଇଥିଲା। ତେଣୁ କିଟ୍ ପଟିଆ ଗ୍ରାମର ୧୨୫ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛି। ପୂର୍ବରୁ କିଟ୍, କିସ ଓ କିମ୍ସରେ ପଟିଆ ଗ୍ରାମର ୨ଶହରୁ ଊର୍ଦ୍ଧ୍ୱ ପିଲା ଚାକିରି କରୁଥିବାବେଳେ ଆଉ ୧୨୫ଜଣ ନିଯୁକ୍ତି ପାଇବା ପରେ ଏହି ସଂଖ୍ୟା ୩୨୫କୁ ବୃଦ୍ଧି ପାଇଛି। ଗୋଟିଏ ଗାଁରୁ ଗୋଟିଏ ଅନୁଷ୍ଠାନରେ ଏତେ ସଂଖ୍ୟକ ପିଲା ନିଯୁକ୍ତି ପାଇବା ଏକ ରେକର୍ଡ ବୋଲି ସାମନ୍ତ କହିଥିଲେ। ଏହି କାର୍ଯ୍ୟକ୍ରମରେ ପଟିଆ ଗ୍ରାମ ମଙ୍ଗଳ ସମିତିର ପରାମର୍ଶଦାତା ତଥା ଆଞ୍ଚଳିକ ଶାନ୍ତି କମିଟି ସଭାପତି ନୃସିଂହ ରାଉତ, ୩ ନମ୍ବର ୱାର୍ଡର କର୍ପୋରେଟର ଲକ୍ଷ୍ମୀପ୍ରିୟା ପରିଡ଼ା, ଗ୍ରାମ ମଙ୍ଗଳ ସମିତିର ସମ୍ପାଦକ ସନ୍ତୋଷ ପରିଡ଼ା, ସଭାପତି ଚିତ୍ତ ରଞ୍ଜନ ପାତ୍ର ପ୍ରମୁଖ ଯୋଗଦେଇ କିଟ୍ ପାଇଁ ପଟିଆ ଗ୍ରାମବାସୀ ଆଜି ଗର୍ବିତ ବୋଲି ମତପ୍ରକାଶ କରିଥିଲେ।



# ଜମ୍ମୁ କଶ୍ମୀର ପର୍ଯ୍ୟଟନ ବିକାଶ ପାଇଁ ଓଡ଼ିଶା ଏକ ଉଦୀୟମାନ ବଜାର

ଭୁବନେଶ୍ୱର,୧୮।୩(ବ୍ୟୁରୋ)

ଜମ୍ମୁ-କଶ୍ମୀରରେ ପର୍ଯ୍ୟଟନ ବିକାଶ ପାଇଁ ଓଡ଼ିଶା ଏକ ଉଦୀୟମାନ ବଜାର ହେବା ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ ଜମ୍ମୁ ଓ କଶ୍ମୀର ପର୍ଯ୍ୟଟନ ବିଭାଗ ପକ୍ଷରୁ ନିଜର ପର୍ଯ୍ୟଟନ ଉତ୍ପାଦକୁ ପ୍ରୋତ୍ସାହିତ କରିବା ପାଇଁ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ 'ଚଲୋ ଦେଖେଁ ଅପ୍ନା ଦେଶ୍' କନ୍‌କ୍ଲେଭ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ରାଜ୍ୟର ପର୍ଯ୍ୟଟନ ବିଭାଗ ଓ ଭ୍ରମଣ ବାଣିଜ୍ୟ ସଙ୍ଗଠନ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀରେ ବିଭାଗର ଉପନିର୍ଦ୍ଦେଶକ ଡ. ଆଲ୍ୟାସ ଅହମ୍ମଦ, ପର୍ଯ୍ୟଟନ ଅଧିକାରୀ ଅହସାନ ଉଲାକ୍ ଜମ୍ମୁ କଶ୍ମୀରର ପର୍ଯ୍ୟଟନ ସମ୍ପର୍କରେ ସୂଚନା ଦେଇଥିଲେ। ଅତ୍ୟାଧୁନିକ ପର୍ଯ୍ୟଟନ ଧାରା, ବିଳାସ, ଉତ୍ପାଦ, ଗ୍ରାମୀଣ ପର୍ଯ୍ୟଟନ ଏବଂ ରହଣି ବ୍ୟବସ୍ଥା ଜମ୍ମୁ କଶ୍ମୀରରେ ରହିଛି। ଜମ୍ମୁ-କଶ୍ମୀର ହେଉଛି ପର୍ଯ୍ୟଟକଙ୍କ ଭୂସ୍ୱର୍ଗ। ଚମତ୍କାର ପ୍ରାକୃତିକ ଦୃଶ୍ୟ, ତୁଷାରପାତ ପର୍ବତ, ବନ୍ୟଜନ୍ତୁ, ତୀର୍ଥଯାତ୍ରା, ଦୁଃସାହସିକ କ୍ରୀଡ଼ା, ଆତିଥ୍ୟତା ପ୍ରଦାନ କରୁଥିବା ଲୋକ ତଥା ସ୍ଥାନୀୟ ହସ୍ତତନ୍ତ୍ର ପାଇଁ ଏହା ବିଶ୍ୱ ପ୍ରସିଦ୍ଧ। ମାତା ବୈଷ୍ଣୋଦେବୀ ମନ୍ଦିର, ବାବା ଅମରନାଥ ଗୁମ୍ଫା, ମାଚିଲରେ ଚଣ୍ଡୀମାତା ମନ୍ଦିର, ସର୍ଥାଲରେ ଅଷ୍ଟାଦଶଭୁଜା ମାତା ମନ୍ଦିର ଏବଂ ଶାହାର୍ଦ୍ଦା ସରିଫ ପରି ଅନେକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ରହିଛି। ଟୁଲିପ୍ ବଗିଚା, ମୋଗଲ ଗାର୍ଡେନ, ଗୁଲମର୍ଗ, ପଟନିଟପ୍, ଭଦେରୱା, ଡାଲ ହ୍ରଦ, ମାନସର ହ୍ରଦ ପରି ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀ ମଧ୍ୟ ରହିଛି ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ଜମ୍ମୁ-କଶ୍ମୀରରେ ପର୍ଯ୍ୟଟନ ବିକାଶ ପାଇଁ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧିଙ୍କ ସହାୟତା ଲୋଡ଼ାଯାଇଥିଲା।




ଜମ୍ମୁ ଓ କଶ୍ମୀର ପର୍ଯ୍ୟଟନ ବିଭାଗର ଉପନିର୍ଦ୍ଦେଶକ ଡ. ଆଲ୍ୟାସ ଅହମ୍ମଦ, ପର୍ଯ୍ୟଟନ ଅଧିକାରୀ ଅହସାନ ଉଲାକ୍ ସୂଚନା ଦେଉଛନ୍ତି।

## ସଂକ୍ଷେପରେ

### ଚୋରି ଜିନିଷ ନେବାବେଳେ ରାସ୍ତାରେ ଶୋଇପଡ଼ିଲେ ଲୁଟେରା
#### ୩ଜଣଙ୍କୁ ଗିରଫ କଲା ପୋଲିସ

**ଭୁବନେଶ୍ୱର,୧୮।୩(ବ୍ୟୁରୋ) :** ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀବିହାର ଅଞ୍ଚଳର ଏକ ଘରୁ ଓ କିଛି ଦୋକାନରୁ ଜିନିଷ ଚୋରି କଲେ। ପରେ ଚୋରି ସାମଗ୍ରୀକୁ ୩ଲୁଟେରା କାନ୍ଧରେ ବୋହିକି ନେଉଥିବାବେଳେ ରାସ୍ତାରେ ଥକି ପଡ଼ି ଶୋଇପଡ଼ିଲେ। ରାସ୍ତାରେ ଶୋଇଥିବାରୁ ପିସିଆର୍ ଭ୍ୟାନ୍ ପହଞ୍ଚି ସେମାନଙ୍କୁ ପଚରାଉଚରା କରିବା ସହ ବସ୍ତାରେ କ'ଣ ଅଛି ବୋଲି ପଚାରିଥିଲା। ହେଲେ କୌଣସି ସନ୍ତୋଷଜନକ ଉତ୍ତର ନ ପାଇବାରୁ ସେଗୁଡ଼ିକୁ ଯାଞ୍ଚ କରିଥିଲା। ଯାଞ୍ଚ ସହ ପଚରାଉଚରା ପରେ ଧରାପଡିଥିବା ୩ ଲୁଟେରା ସମସ୍ତେ ଏହାକୁ ଚୋରି କରିଥିବା କହିଥିଲେ। ସେମାନେ ହେଲେ ଇନ୍‌ଫୋସିଟି ଅଞ୍ଚଳର ରବି କିସ୍କୁ,ସନ୍ତୋଷ ସେଠୀ, ଲିଙ୍ଗରାଜ ସାହୁ। ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

### 'ମୋ ସରକାର' ଟେଲି ସେଣ୍ଟରରେ ଆଇଟି ଉପଦେଷ୍ଟା

**ଭୁବନେଶ୍ୱର,୧୮।୩ (ବ୍ୟୁରୋ):** ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା(ଆଇଟି) ଉପଦେଷ୍ଟା ଅନୁଭବ ପଟ୍ଟନାୟକ ଶନିବାର ଆଚାର୍ଯ୍ୟ ବିହାରସ୍ଥିତ ଓକାକ ଟାୱାର ପରିସରରେ ପରିଚାଳିତ 'ମୋ ସରକାର' ଟେଲି ସେଣ୍ଟର ପରିଦର୍ଶନ କରିଥିଲେ। 'ମୋ ସରକାର' ଟୋଲ ଫ୍ରି ନମ୍ବର ୧୪୫୪୫ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ ହେଲ୍ପ ଲାଇନ ନମ୍ବର ୧୫୫୩୬୯ ମାଧ୍ୟମରେ ସାଧାରଣ ଜନତାଙ୍କ ସମସ୍ୟାର ସମାଧାନ, ଅଭିଯୋଗ ଗ୍ରହଣ, ପଞ୍ଜୀକରଣ ଓ ଅନ୍ୟାନ୍ୟ ସୂଚନା ପ୍ରଦାନ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପକୁ ଅନୁଭବ ପ୍ରଶଂସା କରିଥିଲେ। ମମତା, କାଳିଆ, ନାଗରିକ ସେବା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ଭଳି ୩୧ଟି ବିଭାଗର ୨୮୫ ପ୍ରକାର ସେବା ଯୋଗାଇବା ଦିଗରେ ଏହି ବ୍ୟବସ୍ଥା ସହାୟକ ହୋଇପାରିଛି। ଆଗାମୀ ଦିନରେ ଏହି ବ୍ୟବସ୍ଥାକୁ କିଭଳି ଅଧିକ ସୁଦୃଢ଼ କରାଯାଇ ସାଧାରଣ ଜନତାଙ୍କ ସ୍ୱାର୍ଥ ରକ୍ଷା କ୍ଷେତ୍ରରେ ରାଜ୍ୟ ଶୀର୍ଷ ସ୍ଥାନ ନେଇପାରିବ ସେ ଦିଗରେ ଅଧିକ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ଉପସ୍ଥିତ କର୍ମଚାରୀଙ୍କୁ ସେ ପରାମର୍ଶ ଦେଇଥିଲେ।

### ସଫେଇ ହେଲା ମେଳଣ ପଡ଼ିଆ

**ଜଟଣୀ,୧୮।୩(ଡି.ଏନ୍.ଏ.):** ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ପଞ୍ଚଦୋଳ ମେଳଣ ଗତ ୧୬ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ମେଳଣରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ଆୟୋଜକ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମୀନାବଜାର, ପଲ୍ଲିଶ୍ରୀ ମେଳା, ବିଭିନ୍ନ ଷ୍ଟଲ୍ ଖୋଲାଯାଇଥିଲା। ତେବେ ମେଳଣ ପଡ଼ିଆରେ ଶ୍ରଦ୍ଧାଳୁ ଏବଂ ବ୍ୟବସାୟୀଙ୍କ ଦ୍ୱାରା ହୋଇଥିବା ଅଳିଆ ଆବର୍ଜନାକୁ ସଫେଇ କରାଯାଇଛି। ସ୍ଥାନୀୟ ଶ୍ରୀରାମ ମନ୍ଦିର ମଠ ମହାରାଜ ଶ୍ୟାମସୁନ୍ଦର ଦାଶ ମହାରାଜ ଏବଂ ନାଗା ରଘୁନାଥ ଦାଶ ମହାରାଜଙ୍କ ନେତୃତ୍ୱରେ ମେଳଣ ପଡ଼ିଆକୁ ସଫେଇ କରାଯାଇଥିଲା। ଏହି କାର୍ଯ୍ୟରେ ଦୁର୍ଗାମାଧବ ବଳିୟାରସିଂ, ଦୀପ୍ତିରଞ୍ଜନ ମାର୍ଥା, ରବିନାରାୟଣ ସାହୁ, ସରୋଜ ବଳିୟାରସିଂ, ବିଜୟ ରାଉତରାୟ, ରାମଚନ୍ଦ୍ର ମାର୍ଥା, ଅମରେଶ ରାଉତରାୟ, ଅଶୋକ ମହାରଣା, ହରପ୍ରସାଦ ବରିଶଲ, ବଂଶୀଧର ମଙ୍ଗରାଜ, ପ୍ରସନ୍ନ ମଲିକ, ନୃସିଂହ ଚମ୍ପତି, ଭରତ ମାର୍ଥା, ଶକ୍ତି ମହାକୁଡ଼, ରବୀନ୍ଦ୍ରନାଥ ମହାକୁଡ଼ ପ୍ରମୁଖ ସାମିଲ ଥିଲେ।






ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ନୂଆ ବସ୍ଷ୍ଟାଣ୍ଡଠାରୁ ବାଟମଙ୍ଗଳାକୁ ଯାଉଥିବା ରାସ୍ତା ପାର୍ଶ୍ୱ କାନ୍ଥରେ ଶୋଭାପାଉଥିବା ପାଇକ ବିଦ୍ରୋହ ଗାଥା।

# କାନ୍ଥରେ ପାଇକ ବିଦ୍ରୋହ ଗାଥା

**ଖୋର୍ଦ୍ଧା ଅଫିସ,୧୮।୩**

ଭାରତ ସ୍ୱାଧୀନତା ଆନ୍ଦୋଳନରେ ପାଇକ ବିଦ୍ରୋହ ସ୍ଥାନ ସ୍ୱତନ୍ତ୍ର। ଏ ମାଟି ପାଇକ ବୀରଙ୍କ ପାଇଁ ସର୍ବଦା ସ୍ମରଣୀୟ ହୋଇ ରହିବ। ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ କାନ୍ଥରେ ଅଙ୍କିତ ହୋଇଛି ଏହି ବିଦ୍ରୋହର କାହାଣୀ। ପାଇକ ବିଦ୍ରୋହର କର୍ଣ୍ଣଧାର ପଞ୍ଚ ପାଇକଙ୍କ ସଂଗ୍ରାମ, ପାଇକବୀରଙ୍କ ତ୍ୟାଗ, ବଳିଦାନ ଗାଥା ବର୍ଣ୍ଣନା କରାଯାଇଛି। ନୂଆ ବସ୍‌ଷ୍ଟାଣ୍ଡରୁ ବାଟମଙ୍ଗଳାକୁ ଯାଉଥିବା ରାସ୍ତା ପାର୍ଶ୍ୱ କାନ୍ଥରେ ଶୋଭାପାଉଛି ଏହି ସଂଗ୍ରାମ ବୀରତ୍ୱର ଗାଥା। ଜୟୀ ରାଜଗୁରୁଙ୍କଠାରୁ ଆରମ୍ଭ କରି ବକ୍ସି ଜଗବନ୍ଧୁ ବିଦ୍ୟାଧର, ତାପଙ୍ଗ ଦଳବେହେରା, ପିଣ୍ଡିକି ବାହୁବଳେନ୍ଦ୍ର, କୃତ୍ତିବାସ ପାଟ୍ଟଶାଣୀଙ୍କ ବୀରତ୍ୱର କାହାଣୀ ଏଥିରେ ସ୍ଥାନ ପାଇଛି।

୧୮୫୭ ମସିହାର ସିପାହି ବିଦ୍ରୋହ ପୂର୍ବରୁ ଓଡ଼ିଶାରେ ମୁକ୍ତି ସଂଗ୍ରାମ ୧୮୦୪ରେ ଆରମ୍ଭ ହୋଇଥିଲା। ଖୋର୍ଦ୍ଧା ସମେତ ଓଡ଼ିଶାକୁ ଇଂରେଜ ଶାସନାଧୀନରୁ ମୁକ୍ତ କରିବା ଥିଲା ଏହାର ମୂଳ ଲକ୍ଷ୍ୟ। ୧୭୯୮ରେ ଗଜପତି ଦିବ୍ୟସିଂହଙ୍କର ମୃତ୍ୟୁ ପରେ ଦ୍ୱିତୀୟ ମୁକୁନ୍ଦଦେବ ହୋଇଥିଲେ ଗଜପତି। ସେ ଥିଲେ ନାବାଳକ। ତେଣୁ ରାଜକାର୍ଯ୍ୟ ପରିଚାଳନା ଭାର ଜୟୀ ରାଜଗୁରୁଙ୍କ ଉପରେ ନ୍ୟସ୍ତ ହୋଇଥିଲା। ତେବେ କୌଣସି କାରଣରୁ ରାଜଗୁରୁଙ୍କ ପରାମର୍ଶକ୍ରମେ ଗଜପତି ଇଂରେଜଙ୍କ ବିରୋଧରେ ୧୮୦୪ରେ ଯୁଦ୍ଧ ଘୋଷଣା କରିଥିଲେ। ଲଢେଇ ପରେ ବ୍ରିଟିଶମାନେ ଖୋର୍ଦ୍ଧା ରାଜାଙ୍କ ଦୁର୍ଗ ଅଧିକାର କରିଥିଲେ। ରାଜଗୁରୁଙ୍କୁ ବନ୍ଦୀ କରିବା ସହ ମିଦିନାପୁର ନିକଟବର୍ତ୍ତୀ ବାଜିତୋଟାର ଏକ ଗଛରେ ଫାଶୀ ଦେଇଥିଲେ।

୧୮୧୭ରେ ଇଂରେଜ ବିରୋଧରେ ପୁଣି ଏକ ବିଦ୍ରୋହର ସୂତ୍ରପାତ ହୋଇଥିଲା। ଏଥିରେ ବହୁ ପାଇକ ଯୋଗଦେଇଥିବାରୁ ଏହାକୁ ପାଇକ ବିଦ୍ରୋହ ବୋଲି କୁହାଗଲା। ଏହି ବିଦ୍ରୋହର ନେତୃତ୍ୱ ନେଇଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ର। ଉକ୍ତ ବିଦ୍ରୋହର ଭୟାବହତା ଉପରେ ଇଂରେଜ ଐତିହାସିକ ଜର୍ଜ ଟଏନବିଙ୍କ ଦ୍ୱାରା ଲିଖିତ ଓଡ଼ିଶା ଇତିହାସ ପୁସ୍ତକରେ ନିଜେ ସ୍ୱୀକାର କରିଛନ୍ତି। ୧୮୨୭ରେ ଓଡ଼ିଶା ମାଟିରୁ ଇଂରେଜଙ୍କୁ ବିତାଡ଼ିତ ପାଇଁ ଖୋର୍ଦ୍ଧାର ତାପଙ୍ଗଠାରେ ଆରମ୍ଭ ହୋଇଥିଲା ବିଦ୍ରୋହ। ଏହା ତାପଙ୍ଗ ବିଦ୍ରୋହ ନାମରେ ପରିଚିତ। ସେଠାକାର ଦଳବେହେରା, ମାଧବ ରାଉତରାୟଙ୍କ ନେତୃତ୍ୱରେ ଦଳେଇ, ପାଇକ ଓ ଜନସାଧାରଣ ଶତସିଂହର ପରାକ୍ରମ ନେଇ ଇଂରେଜଙ୍କୁ ରଣାଙ୍ଗନରେ ବିପର୍ଯ୍ୟସ୍ତ କରିଦେଇଥିଲେ। ଇଂରେଜଙ୍କ ବହୁ କ୍ଷତି ଘଟିଥିଲା। ପରବର୍ତ୍ତୀ ସମୟରେ ଇଂରେଜମାନେ ଚକ୍ରାନ୍ତ ପୂର୍ବକ ତାପଙ୍ଗ ବିଦ୍ରୋହକୁ ଦମନ କରିଥିଲେ। ୧୮୩୬ରେ ଓଡ଼ିଶାରୁ ଇଂରେଜଙ୍କୁ ବିତାଡିତ ପାଇଁ ଆଉ ଏକ ବିଦ୍ରୋହର ଯୋଜନା କରିଥିଲେ କୃତ୍ତିବାସ ପାଟ୍ଟଶାଣୀ। ଶତାଧିକ ଦଳବେହେରା, ଦଳେଇ, ନାୟକ ଏବଂ ପାଇକଙ୍କୁ ସଙ୍ଗଠିତ କରି ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଥିଲେ। କୃତ୍ତିବାସଙ୍କ ସଂଗ୍ରାମରେ ଇଂରେଜମାନେ ଭୟଭୀତ ହୋଇପଡିଥିଲେ। ଜୀବନର ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ସେ ଲଢ଼େଇ କରିଥିଲେ। ନିଜର ବୀରତ୍ୱ ଓ ମୁକ୍ତି ସଂଗ୍ରାମରେ ଅବଦାନ ଲାଗି କୃତିବାସ ଓଡ଼ିଶା ଇତିହାସରେ ଅମର ହୋଇ ରହିଛନ୍ତି। ଏହାପରେ ପିଣ୍ଡିକି ବାହୁବଳେନ୍ଦ୍ର ଇଂରେଜ ବିରୋଧୀ ସଂଗ୍ରାମର ନେତୃତ୍ୱ ନେଇଥିଲେ। ସେ ଥିଲେ ଚନ୍ଦକା ନିକଟ ଦାରୁଠେଙ୍ଗଗଡର ଦଳେଇ। ବକ୍ସିଙ୍କ ସହଯୋଗୀ ରହିଥିଲେ। ପାଇକଙ୍କୁ ଏକତ୍ରିତ କରି ଇଂରେଜଙ୍କ ବିରୋଧରେ ତାଙ୍କ ସଂଗ୍ରାମ ପାଇଁ ଇତିହାସରେ ଲିପିବଦ୍ଧ ହୋଇ ରହିଛି। କ୍ରମାଗତଭାବେ ବିଦ୍ରୋହ ପରେ ଓଡ଼ିଆ ପୁଅଙ୍କ ବୀରତ୍ୱ ଆଗରେ ବ୍ରିଟିଶ ମଥା ନୁଆଁଇଥିଲା। ଏହି ବୀରତ୍ୱର କାହାଣୀ ଏବେ ଖୋର୍ଦ୍ଧାର କାନ୍ଥରେ ଶୋଭାପାଉଛି।

### ଡକାୟତି ଯୋଜନା, ୫ ଗିରଫ

**ପୁରୀ ଅଫିସ,୧୮।୩**

ତାଳବଣିଆ ଥାନା ପୋଲିସକୁ ଶନିବାର ଏକ ବଡ଼ଧରଣର ସଫଳତା ମିଳିଛି। ଡକାୟତି ପାଇଁ ଯୋଜନା କରୁଥିବାବେଳେ ପୋଲିସ ଚଢ଼ାଉ କରି ୫ଜଣ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ପିକେଆରଆଇଟି କଲୋନୀ ଅଞ୍ଚଳର ପିଣ୍ଟୁ ଥାପା (୨୯), ଟିକରପଡ଼ା ଅଞ୍ଚଳର ମନୋଜ କୁମାର ପ୍ରଧାନ (୨୮), ମଧୁବନ ଅଞ୍ଚଳର ସସ୍ମିତ ରଞ୍ଜନ ବେହେରା(୨୬), ସର୍ବୋଦୟ ନଗର ଅଞ୍ଚଳର ମୁକ୍ତାମଣୀ ରଣସିଂହ (୨୩) ଏବଂ ଟାଉନ ଥାନା ଅନ୍ତର୍ଗତ ଜଗନ୍ନାଥ ବଲ୍ଲଭର ବିରଞ୍ଚି ମହାପାତ୍ର (୨୩)। ତାଳବଣିଆ ଥାନା ପୋଲିସ ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଲୁହା ଖଣ୍ଡା, ଗୋଟିଏ ରଡ଼, ଗୋଟିଏ ଲଙ୍କା ଗୁଣ୍ଡା ପ୍ୟାକେଟ, ୨ଟି ବାଇକ୍, ୪ଟି ମୋବାଇଲ, ଗୋଟିଏ କାଠ ବାଡ଼ି ଓ ଦୌଡ଼ି ଜବତ କରିଛି। ଏ ନେଇ ପୋଲିସ ନଂ. ୫୧/୨୩ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ନେଇ ଶନିବାର ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ସୂଚନା ଦେଇଛନ୍ତି। ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ତାଳବଣିଆ ପୋଲିସ ପକ୍ଷରୁ ଥାନା ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିଲା। ଅଭିଯୁକ୍ତମାନେ ଲେକଚର କଲୋନୀଠାରେ ବିଭିନ୍ନ ମାରଣାସ୍ତ୍ର ଧରି ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ଏହି ଖବର ବିଶେଷ ସୂତ୍ରରୁ ପୋଲିସ ପାଇ ଉକ୍ତ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରି ଥାନାକୁ ଆଣିଥିଲା।

# 'ଭଲ ପାଠ ପଢ଼ିଲେ ସ୍କୁଲର ଗୌରବ ବଢ଼ିବ'



କେରଙ୍ଗ ଜଇତୁନ ନିଶା ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଅତିଥିମାନେ ସ୍ମରଣିକା 'କେରଙ୍ଗ କେଶରୀ' ଉନ୍ମୋଚନ କରୁଛନ୍ତି।

**ଖୋର୍ଦ୍ଧା ଅଫିସ,୧୮।୩**

#### କେରଙ୍ଗ ଜଇତୁନ ନିଶା ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଜଇତୁନ ନିଶା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ତଥା ଜୁବିଲି କମିଟି ସଭାନେତ୍ରୀ ମିନତି ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଶିଶୁ ସାହିତ୍ୟିକ ଡ. ଜିତେନ୍ଦ୍ର ନାରାୟଣ ଦାଶ(ଦାଶ ବେନ୍‌ହୁର) କହିଥିଲେ, ଛାତ୍ରୀଛାତ୍ର ଦେଶର ଭବିଷ୍ୟତ। ବିଦ୍ୟାଳୟ ଓ ଶିକ୍ଷକ ତାଙ୍କୁ ଭଲ ମଣିଷ କରିବା, ଶିଷ୍ଟାଚାର ଓ ଶୃଙ୍ଖଳିତ ହେବାର ଶିକ୍ଷା ଦେଇଥାନ୍ତି। ଏକ ବିକଶିତ ରାଷ୍ଟ୍ର ଗୋଟିଏ ଜାତିର ଶିକ୍ଷା ଉପରେ ନିର୍ଭର କରେ। ଶିକ୍ଷା ଭଲ ଓ ମନ୍ଦ ପାର୍ଥକ୍ୟ ଦର୍ଶାଇଥାଏ। ମୁଖ୍ୟ ଅତିଥିଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଥିଲେ, ଭଲ ସ୍କୁଲର ଅର୍ଥ ନୁହେଁ ଯେ ଭଲ ଘର କି ଭଲ ସୁବିଧା ଉପଲବ୍ଧ ହେବା। ଛାତ୍ରଟିଏ ଭଲ ପାଠ ପଢ଼ି ସ୍କୁଲର ନାମ କରିବା ହିଁ ଭଲ ସ୍କୁଲର ପରିଚୟ ହୋଇଥାଏ। ସ୍କୁଲର ବିକାଶ ଓ ଉନ୍ନତି ପାଇଁ ପୁରାତନ ଛାତ୍ରମାନେ ଆଗେଇ ଆସିବା ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ କହିଥିଲେ, କେରଙ୍ଗ ଏକ ଶିକ୍ଷିତ ଆଉ ସଂଗ୍ରାମୀଙ୍କ ମାଟି। ଦେଶମାତୃକାର ସେବାରେ ଅନେକ ଯବାନ ଶହୀଦ ହୋଇଛନ୍ତି। ବିଶ୍ୱଶାନ୍ତି ଓ ଭାଇଚାରାର ବାର୍ତ୍ତା ଦେଇଆସୁଛି ଏହି ମାଟି। ଅନ୍ୟତମ ସମ୍ମାନିତ ଅତିଥିଭାବେ ଡ. ଦିଲୀପ ଶ୍ରୀଚନ୍ଦନ ଯୋଗଦେଇ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ବିଦ୍ୟାଳୟର ଗୌରବ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୁରାତନ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ସ୍ମରଣିକା 'କେରଙ୍ଗ କେଶରୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଦୁଇଦିନ ଧରି ଆୟୋଜନ ହେବାକୁଥିବା ସମାରୋହରେ ୫୦ ବର୍ଷର ପୁରାତନ ଛାତ୍ରୀଛାତ୍ରଙ୍କ ଫଟୋଚିତ୍ର ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କମିଟିର ଗଣମାଧ୍ୟମ ଆବାହକ ମୌଲାନା ଫଜଲ ହକ୍ ଖାନ୍ ସୂଚନା ଦେଇଛନ୍ତି। ଏକ ମଶାଲ ଶୋଭାଯାତ୍ରା କେରଙ୍ଗ ସମେତ ଦିବ୍ୟସିଂ ପ୍ରସାଦ, କୁମ୍ଭିଲୋ, ମହମୁଦାବାଦ, କୁଣ୍ଡିଲୋ, ଠାକୁରପଡ଼ା, ବରସାହି ଆଦି ମାର୍ଗ ଦେଇ ହାଇସ୍କୁଲ ପର୍ଯ୍ୟନ୍ତ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲର ପୁରାତନ ଶିକ୍ଷକ, ଛାତ୍ର ଏବଂ ଅଭିଭାବକମାନେ ଯୋଗଦେଇଥିଲେ।

### ମୋବାଇଲ ଫୋନ୍ ଜବତ, ୨ ଗିରଫ

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

ଫୋନରେ କଥା ହେଉଥିବା ବେଳେ ପଲସରେ ଆସି ଜଣେ ଯୁବକଙ୍କ ହାତରୁ ମୋବାଇଲ ଛଡାଇ ନେବା ଅଭିଯୋଗରେ ଭରତପୁର ଥାନା ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଅଞ୍ଚଳର ମଦନ ରେଡ୍ଡୀ ଓ ନୟାଗଡର ବାପିନା ଜେନା। ସେମାନଙ୍କଠାରୁ ୨ଟି ଚୋରା ମୋବାଇଲ ଜବତ କରିଛି ପୋଲିସ।

### ୫ ଅସହାୟ ପରିବାରଙ୍କୁ ମିଳିଲା ସହାୟତା

**ଜଟଣୀ,୧୮।୩(ଡି.ଏନ୍.ଏ.)**

ଜଟଣୀର ରାଜା ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ୫ ଗରିବ ପରିବାରକୁ ରାଶନ ସାମଗ୍ରୀ ପ୍ରଦାନ କରାଯାଇଛି। ଏହି ଅବସରରେ ସଙ୍ଗଠନ ପକ୍ଷରୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେତେଜଣ ବ୍ୟକ୍ତି, ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଆଇନଜୀବୀ ଅକ୍ଷାଂଶୁ ଶେଖର ନାୟକ ଯୋଗଦେଇଥିବା ବେଳେ ଅତିଥିଭାବେ ହିବୁର ରେହେମାନ, ବାସୁଦେବ ସେଠୀ, ସନ୍ତୋଷୀ ଜାଲି, ଗୀତାଞ୍ଜଳି ସେଠୀ, ରାକେଶ କୁମାର ରାଉତରାୟ, ଏମ୍‌ଡି. ରିଜୁଆନ୍, ସଞ୍ଜୀବ କୁମାର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସପନ କୁମାର ମିଶ୍ର, ବୃନ୍ଦାବନ ସୁବୁଦ୍ଧି ଅତିଥିଭାବେ ଯୋଗଦେଇଥିଲେ। ରାଜା ୱେଲଫେୟାର ଟ୍ରଷ୍ଟ ପ୍ରତିଷ୍ଠାତା ସମ୍ପାଦକଙ୍କ ସହିତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ସଫଳତାରେ ସହଯୋଗ କରିଥିଲେ।



**ଜଟଣୀ:** ରାଜା ୱେଲ୍‌ଫେୟାର ଟ୍ରଷ୍ଟ ପକ୍ଷରୁ ଶନିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

### ବ୍ୟାଙ୍କ ଋଣ ସଚେତନତା କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

**ବୋଲଗଡ଼,୧୮।୩(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଧଳାପଥର ସେବା ସମବାୟ ସମିତି ପକ୍ଷରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ପାଇଁ ବ୍ୟାଙ୍କ ଋଣ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ ସହାୟତାରେ ଆୟୋଜିତ ଏହି କର୍ମଶାଳାରେ ୭୨ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ, ସମ୍ପାଦିକା ଓ ସଦସ୍ୟା ଯୋଗଦେଇଥିଲେ। ସମିତି ସଭାପତି ସନ୍ତୋଷ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ସନ୍ଦୀପ ପଟ୍ଟନାୟକ, ମୁଖ୍ୟ ବକ୍ତା ବ୍ୟାଙ୍କ ମ୍ୟାନେଜର ଜଗନ୍ନାଥ ପାଲ ଓ ଅତିଥିଭାବେ ସହକାରୀ ଇନ୍‌ସ୍ପେକ୍ଟର ପ୍ରଭାକର ନାୟକ, ସମିତିସଭ୍ୟ ବିଜୟ ସୁବୁଦ୍ଧି, ମାଧବ ଚନ୍ଦ୍ର ଦାସ, ମହିଳା ସ୍ୱୟଂ ସହାୟିକା ଫେଡେରେଶନର ସଭାନେତ୍ରୀ ତୁଳସୀ ବାରିକ, ଉପସଭାନେତ୍ରୀ ସୁମିତ୍ରା ସାହୁ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ବ୍ୟାଙ୍କ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ବିକାଶ ପାଇଁ ବିଭିନ୍ନ ଯୋଜନାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ ବୋଲି ମୁଖ୍ୟ ଅତିଥି କହିଥିଲେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକ ବ୍ୟାଙ୍କ ଋଣ ଟଙ୍କାକୁ ଠିକ୍ ଭାବେ ବିନିଯୋଗ କରି ଠିକ୍ ସମୟରେ ଋଣ ଟଙ୍କା ବ୍ୟାଙ୍କକୁ ଫେରାଇବା ପାଇଁ ପରାମର୍ଶ ଦେଇଥିଲେ। କୁମୁଦିନୀ ପ୍ରଧାନ, ଲିଲି ସାହୁ, ନିବେଦିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



### ଖଳାରେ ରଥ ପ୍ରସ୍ତୁତି ଜୋର୍‌ଦାର

**ନିରାକାରପୁର, ୧୮।୩ (ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ ଶ୍ରୀକପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ବିଜୟା ରଥଯାତ୍ରା ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ମହାରଣାଙ୍କ ଦ୍ୱାରା ରଥକାର୍ଯ୍ୟ ଖଳାରେ ଜାରି ରହିଛି। ରଥଯାତ୍ରା ଆଉ ୧୦ଦିନ ଥିବା ବେଳେ ଯାତ୍ରା ପୂର୍ବରୁ ଏହି କାର୍ଯ୍ୟ ସରିଲେ ରଥରେ ରଙ୍ଗ ଲଗାଯିବା ସହ କନା, ବ୍ରହ୍ମା ଓ ଅଶ୍ୱ ଲଗାଯିବ। ତେବେ ଏହି କାର୍ଯ୍ୟ ଶୀଘ୍ର ସାରିବା ପାଇଁ ମହାରଣାମାନେ ଜୋର୍‌ଦାର କାର୍ଯ୍ୟ ଚଳାଇଛନ୍ତି।

# ଠେଙ୍ଗାହାଟ, ମୁକୁନ୍ଦପ୍ରସାଦ ଦଶଦୋଳ ମେଳଣ

**ଖୋର୍ଦ୍ଧା ଅଫିସ,୧୮।୩**

ଶୁକ୍ରବାର ମଧ୍ୟରାତ୍ରରୁ ଆରମ୍ଭ ହୋଇଛି ଠେଙ୍ଗାହାଟ ଦଶଦୋଳ ମେଳଣ। ଠେଙ୍ଗାହାଟ ମେଳଣ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବ ୩ ଦିନ ଧରି ଆଡମ୍ବରରେ ପାଳନ ହୋଇଥାଏ। ସାମନ୍ତପୁରସ୍ଥିତ ଶ୍ରୀସିଦ୍ଧେଶ୍ୱର ହେଉଛନ୍ତି ଥାନପତି। ଥାନପତିଙ୍କଠାରୁ ଆମନ୍ତ୍ରଣ ପାଇ ମଧୁସୂଦନ ନଗରର ଶ୍ରୀଜଗନ୍ନାଥ, ଶାଗୁଆନ ବଗିଚାର ଭଗବତ ଦେବ, ଗୁଡିପୋଖରୀର ରାମନାଥ, କାହ୍ନୁ ସାଗରର ସୋମନାଥ, ଡାକ୍ତରସାହିର ଲକ୍ଷ୍ମୀନାରାୟଣ, ଟିଏଲ୍‌ସିର ତାରକେଶ୍ୱର, ରାଧାବଲ୍ଲଭ ସାହିର ରାଧାବଲ୍ଲଭ, ବରାଡ଼ ବାଲୁଙ୍କେଶ୍ୱର, ଗୋପୀନାଥ ଉପରସାହିର ଗୋପାଳଜୀଉ, ବାଲୁଙ୍କେଶ୍ୱର, ହାବେଳି ପଡ଼ିଆର ସ୍ୱପ୍ନେଶ୍ୱର ମହାଦେବ ଆଦି ୨୧ ଠାକୁର ବିଜେ କରିଛନ୍ତି। ଶୁକ୍ରବାର ମଧ୍ୟରାତ୍ରରେ ଥାନପତି ସିଦ୍ଧେଶ୍ୱର ଠାକୁର ଏକ ସୁସଜ୍ଜିତ ବିମାନରେ ବିଜେ କରିଥିଲେ। ପରେ ସମସ୍ତ ଠାକୁର ବିମାନରେ ବିଜେ ହୋଇ ଠେଙ୍ଗାହାଟରୁ ବାହାରି ଉପରସାହି, ବାସେଲିସାହି, ମଠସାହି, ରାଧାବଲ୍ଲଭ ସାହି, ପୁରୁଣା ଦମକଳ ଛକ, ଟ୍ରାଫିକ ଛକ, ଆଦର୍ଶ ଥାନା, ସମବାୟ ବ୍ୟାଙ୍କ ଛକ, ମାଛ ମାର୍କେଟ, ପୌରପରିଷଦ କାର୍ଯ୍ୟାଳୟ ଦେଇ ଠେଙ୍ଗାହାଟ ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ଆସନ୍ତା ୨୦ ତାରିଖରେ ହରିହର ଭେଟ ଓ ଫଗୁଖେଳ ପରେ ସମାପନ ହେବ। ଅନୁଷ୍ଠାନ ପକ୍ଷରୁ ଲଳିତ ମୋହନ ମହାପାତ୍ର, ପ୍ରକାଶ କୁମାର ଦାସ, ଲାଲ୍ ମୋହନ ସ୍ୱାଇଁ, ମନୋଜ କୁମାର ବାରିକ, ସର୍ବେଶ୍ୱର ପ୍ରଧାନ, ପ୍ରତାପ କୁମାର ବେହେରା, କୃଷ୍ଣଚନ୍ଦ୍ର ଭୁଜବଳ, ଲକ୍ଷ୍ମୀଧର ବେହେରା, ଆଶୀର୍ବାଦ ବେହେରା, ପପୁ ବେହେରା, କୁନା ବେହେରା, ଜିତେନ୍ଦ୍ର କୁମାର ସାହୁ, ବିଜୟ ବେହେରା, ଦିଲୀପ କୁମାର ବେହେରା, ବୀରେନ୍ଦ୍ର ବେହେରାଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

ସେହିପରି ମୁକୁନ୍ଦପ୍ରସାଦ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ମୁକୁନ୍ଦପ୍ରସାଦ ମେଳଣ ପଡ଼ିଆରେ ଶୁକ୍ରବାର ମଧ୍ୟରାତ୍ରିରେ ଠାକୁରମାନଙ୍କ ଜମାଣ ହୋଇଥିଲା। ଦୀର୍ଘବର୍ଷ ଧରି ଏହି ମେଳଣ ଆୟୋଜିତ ହୋଇଆସୁଛି। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ଯାନିଯାତ୍ରା, ମୀନାବଜାର, ଘରକରଣା ସାମଗ୍ରୀର ପସରା ମେଲିଥାଏ। ବିଳମ୍ବିତ ରାତିରେ ଥାନପତି ଦଧିବାମନ ଦେବ ଏକ ସୁସଜ୍ଜିତ ବିମାନରେ ବିଜେକରି ସ୍ୱମନ୍ଦିରରୁ ବାହାରି ମୁକୁନ୍ଦପ୍ରସାଦ ଛକରେ ପହଞ୍ଚିଥିଲେ। ସେଠାରୁ ଏକ ବିରାଟ ପଟୁଆରରେ ମେଳଣ ପଡିଆକୁ ଆସିଥିଲେ। ଶ୍ରୀଦଧିବାମନ ଦେବଙ୍କ ଆମନ୍ତ୍ରଣ ପାଇ ମୁକୁନ୍ଦପ୍ରସାଦର ଗୋପୀନାଥ, ଇଶାଣେଶ୍ୱର, ରଘୁନାଥ, ଜେମାଦେଇର ବାଲୁଙ୍କେଶ୍ୱର, ଅସୁରଡିହ ବାଲୁଙ୍କେଶ୍ୱର, ପିତାପଲ୍ଲୀର ମହାଦେବ, ପାଇକଟିଗିରିଆର ମହାଦେବ, ଉପରବସ୍ତ କେଦାରେଶ୍ୱର ପ୍ରମୁଖ ୧୦ ଠାକୁର ବିମାନରେ ବିଜେହୋଇ ପଟୁଆରରେ ମେଳଣ ପଡ଼ିଆରେ ବିଜେ କରିଥିଲେ।

# ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ଚାମ୍ପିୟନ

#### ତ୍ରିଦେବ ଚ୍ୟାଲେଞ୍ଜ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ଖୋର୍ଦ୍ଧା ଅଫିସ,୧୮।୩**

ଖୋର୍ଦ୍ଧା ବ୍ଲକ ମଲ୍ଲୀପୁର ପଞ୍ଚାୟତର ବିଂକୁଡ଼ିଆରେ ଚାଲିଥିବା ପ୍ରଥମ ରାଜ୍ୟସ୍ତରୀୟ ବାବା ବାଲୁଙ୍କେଶ୍ୱର- ମୁକ୍ତେଶ୍ୱର ଓ ସିଦ୍ଧେଶ୍ୱର(ତ୍ରିଦେବ) ଚ୍ୟାଲେଞ୍ଜ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଶରଧାପୁର ଟିମ୍ ଚାମ୍ପିୟନ ହୋଇଛି। ଶନିବାର ସ୍ଥାନୀୟ ଖେଳପଡ଼ିଆରେ ଫାଇନାଲ ମ୍ୟାଚ୍ ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଏସ୍‌ଏ) ଶରଧାପୁର ଏବଂ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ ଗୋଟିଏ ଲେଖାଏ ଗୋଲ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଶେଷପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଶରଧାପୁର ଟିମ୍ ୫-୪ ବ୍ୟବଧାନରେ ଢେଙ୍କାନାଳଙ୍କୁ ପରାସ୍ତ କରି ବିଜୟୀ ହୋଇଥିଲା। ରାଜୁ ମହାନ୍ତି, ବିଦେଶୀ ନାୟକ, ଗିରିଶ୍‌ଚନ୍ଦ୍ର ଜାନୀ, ପ୍ରଫୁଲ୍ଲ କୁମାର ବେହେରା, ଦୟାନ ଖାଁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି, ମଲ୍ଲୀପୁର ସରପଞ୍ଚ ସୁଦାମ ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଟିମ୍‌କୁ ୧୫ ହଜାର ସହ ଟ୍ରଫି ଏବଂ ରନର୍ସଅପ୍ ଟିମ୍‌କୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜକ କମିଟି ସଭାପତି ମାନସ ମହାପାତ୍ର, ସମ୍ପାଦକ ବିକ୍ରମ ରଣା, ମିହିର ରଞ୍ଜନ ମହାପାତ୍ରଙ୍କ ସମେତ ଅନ୍ୟ କମିଟି ସଦସ୍ୟ, ଖେଳାଳି ଉପସ୍ଥିତ ଥିଲେ।



ଫାଇନାଲ ମ୍ୟାଚ୍‌ରେ ଉପସ୍ଥିତ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଅନ୍ୟ ଅତିଥି।

## ସଂକ୍ଷେପରେ

### ଆଜି ଭୃଗୁ ଘାଟରେ ମହାବାରୁଣୀ ସ୍ନାନ

**ସାଗରସ୍ନାନ ଯାତ୍ରା ପାଇଁ ବଳପୁର ଚଳଚଞ୍ଚଳ**

ସାକ୍ଷୀଗୋପାଳ, ୧୮ ।୩ (ସ୍ୱ.ପ୍ର./ଡି.ଏନ୍.ଏ.)-ପୁଣ୍ୟତୋୟା ଭାର୍ଗବୀ ନଦୀରେ ମହାବାରୁଣୀ ସ୍ନାନ ସତ୍ୟବାଦୀ ବ୍ଳକର ବଳପୁର ଭୃଗୁଘାଟରେ ସାଗର ସ୍ନାନଯାତ୍ରା ପାରମ୍ପରିକ ରୀତିନୀତି ଅନୁଯାୟୀ ରବିବାର ଅନୁଷ୍ଠିତ ହେବ। ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଭାର୍ଗବୀରେ ମହାବାରୁଣୀ ଯୋଗରେ ବୁଡ଼ ପକାଇ ମହୋଦଧି ସ୍ନାନର ପୁଣ୍ୟ ମିଳିଥାଏ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତ ତଥା ନିକଟବର୍ତ୍ତୀ ରାଜ୍ୟରୁ ଏଠାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥାଏ। କଥିତ ରହିଛି ବନବାସ ସମୟରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଭାର୍ଗବୀ ନଦୀରେ ସ୍ନାନ କରି ମହାଦେବଙ୍କୁ ପୂଜା କରିବାକୁ ଆଞ୍ଜୁଳାଏ ବାଲିରେ ଶିବଲିଙ୍ଗ ସ୍ଥାପନ କରିଥିଲେ। ବାଲିରୁ ପ୍ରସ୍ତୁତ ଶିବଲିଙ୍ଗ ଏବେ ବାଲୁଙ୍କେଶ୍ୱର ଠାକୁର ନାମରେ ପୂଜା ପାଉଛନ୍ତି। ଏହି ଠାକୁରଙ୍କ ଅପାର ମହିମା ନେଇ ଭକ୍ତଙ୍କ ମଧ୍ୟରେ ଅଗାଧ ବିଶ୍ୱାସ ରହିଛି। ବରାଳ ଗ୍ରାମର ବାଲୁଙ୍କେଶ୍ୱର ବଡ଼ ଭାଇ ଏବଂ ବଳପୁର ଗ୍ରାମର ବାଲୁଙ୍କେଶ୍ୱର ସାନଭାଇଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଏହି ଯାତ୍ରା ଭାଇଚାରାର ଅନନ୍ୟ ପରମ୍ପରା ସୃଷ୍ଟି କରିଛି। ଏହି ଯାତ୍ରା ପାଇଁ ସ୍ଥାନୀୟ ପ୍ରଶାସନିକ ବୈଠକରେ ଆଲୋଚନା କ୍ରମେ ନିର୍ଦ୍ଧାରିତ ସମୟରେ ଦେବନୀତି ଅନୁଷ୍ଠିତ ହେବ। କୌଣସି ଅଘଟଣକୁ ଲକ୍ଷ୍ୟ ରଖି ଦମକଳ ବାହିନୀ, ବିଦ୍ୟୁତ୍, ପାନୀୟଜଳ ବିଭାଗ ସହ ଅନ୍ୟ ବିଭାଗର କାର୍ଯ୍ୟକୁ ସୁଚାରୁ ଭାବେ ସମ୍ପାଦନ କରିବା ନିମନ୍ତେ ପଦକ୍ଷେପ ନିଆଯାଇଛି।

### ଆଜି ଡେଲାଙ୍ଗ ଗ୍ରୀନ୍- ଡେଲାଙ୍ଗ ବ୍ଳୁ ଫାଇନାଲ

ଡେଲାଙ୍ଗ, ୧୮ ।୩ (ଡି.ଏନ୍.ଏ.): ଡେଲାଙ୍ଗ ବ୍ଳକ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହେବ। ଡେଲାଙ୍ଗ ଗ୍ରୀନ ଓ ଡେଲାଙ୍ଗ ବ୍ଳୁ ମଧ୍ୟରେ ଏହି ମ୍ୟାଚ ଖେଳାଯିବ। ଶୁକ୍ରବାର ପ୍ରଥମ କ୍ୱାଲିଫାୟରରେ ଡେଲାଙ୍ଗ ବ୍ଳୁ ୭ ଉଇକେଟରେ ଡେଲାଙ୍ଗ ଗ୍ରୀନକୁ ହରାଇ ପ୍ରଥମେ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ଏଲିମିନେଟର ମ୍ୟାଚରେ ଡେଲାଙ୍ଗ ଅରେଞ୍ଜ ୫ ଉଇକେଟରେ ଡେଲାଙ୍ଗ ୟେଲୋକୁ ହରାଇଥିଲା। ଶନିବାର ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚରେ ଡେଲାଙ୍ଗ ବ୍ଳୁ ୬୨ ରନରେ ଡେଲାଙ୍ଗ ଅରେଞ୍ଜକୁ ପରାସ୍ତ କରିଛି। ବ୍ଳୁ ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୭ ୱିକେଟ ବିନିମୟରେ ୧୪୨ରନ ସଂଗ୍ରହ କରିଥିଲା। ଜବାବରେ ଡେଲାଙ୍ଗ ଅରେଞ୍ଜ ୧୨ ଓଭରରେ ୮ ୱିକେଟ ହରାଇ ମାତ୍ର ୮୦ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଶିବ ପ୍ରଧାନ ଓ ଅରୁଣ ପରିଡା ମ୍ୟାଚ ପରିଚାଳନା କରିଥିବା ବେଳେ ସୋମନାଥ ସାମନ୍ତରାୟ ଓ ପ୍ରଦୀପ ରଞ୍ଜନ ବିଶ୍ୱାଳ ଧାରାବିବରଣୀ ପ୍ରଦାନ କରିଥିଲେ। ବିଶ୍ୱରଞ୍ଜନ ତାଡ, ସୌମ୍ୟରଞ୍ଜନ ତାଡ, ମନୋରଞ୍ଜନ ଜେନା, ପ୍ରଶାନ୍ତ କୁମାର ଜେନା, ଚିତ୍ତରଞ୍ଜନ ଜେନା, ନୀଳମଣୀ ପ୍ରଧାନ, ସୌମେନ୍ଦ୍ର ସାହୁ, ସ୍ୱାଗତ ବରାଳ, ହୃଷୀକେଶ ମହାରଣା ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ ।

# ପ୍ରସ୍ତାବିତ ବୈଠକକୁ ବ୍ରାହ୍ମଣ ସଂଘର ବିରୋଧ

**ବାତିଲ ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ଦାବିପତ୍ର**

ପୁରୀ ଅଫିସ,୧୮ ।୩

ଶ୍ରୀମନ୍ଦିର ମୁକ୍ତି ମଣ୍ଡପର ଅପ୍ରାଧିକୃତ ବ୍ୟକ୍ତିଙ୍କ ଦ୍ୱାରା ଏକ ବୈଠକ ଡକାଯାଇଛି। ତେବେ ଉକ୍ତ ବୈଠକ ବେଆଇନ ଓ ଅଭିସନ୍ଧିମୂଳକ ଭାବେ ହୋଇଥିବା ଦାବି କରିବା ସହ ଉକ୍ତ ବୈଠକକୁ ବାତିଲ କରିବା ପାଇଁ ମୁକ୍ତି ମଣ୍ଡପ ସ୍ୱତ୍ୱଲିପି ଅନ୍ତର୍ଗତ ବ୍ରାହ୍ମଣ ଶାସନର ବ୍ରାହ୍ମଣମାନଙ୍କ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ମୁକ୍ତିମଣ୍ଡପର ଜଣେ ଜବରଦଖଲକାରୀ ବ୍ରାହ୍ମଣ ନିଜକୁ ମୁକ୍ତିମଣ୍ଡପର 'ଆବାହକ ଓ ପରିଚାଳନା ସମ୍ପାଦକ ନାମରେ ପରିଚୟ ଦେଇ ରବିବାର ଏକ ବୈଠକ କରିବା ପାଇଁ ମଣ୍ଡପାସୀନ ବ୍ରାହ୍ମଣମାନଙ୍କ ଅବଗତି ନିମନ୍ତେ ମୁକ୍ତିମଣ୍ଡପରେ ଏକ ବିଜ୍ଞାପନ ମାରିଛନ୍ତି। ଯାହା ଏକ ବେଆଇନ ବିଜ୍ଞାପନ। ଏହି ଆହୂତ ବେଆଇନ ବୈଠକକୁ ବାତିଲ କରିବା ପାଇଁ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। ମୁକ୍ତିମଣ୍ଡପ ସମ୍ବିଧାନରେ 'ଆବାହକ ଓ ପରିଚାଳନା ସମ୍ପାଦକ ଭଳି କୌଣସି ପଦବୀ ନାହିଁ। ଏହି ପଦବୀ ଉକ୍ତ ବ୍ରାହ୍ମଣଙ୍କ ସ୍ୱଘୋଷିତ ପଦବୀ। ଉକ୍ତ ବୈଠକରେ ପୂର୍ବତନ ଅବୈଧ ସମ୍ପାଦକଙ୍କ ଇସ୍ତଫା ପତ୍ର ଉପରେ ଆଲୋଚନା, ନୂତନ ସମ୍ପାଦକ ନିର୍ବାଚନ ଓ ଆର୍ଥିକ ହିସାବପତ୍ର ଇତ୍ୟାଦି କରିବା ପାଇଁ ବିଜ୍ଞାପନରେ କାର୍ଯ୍ୟସୂଚୀ ରଖାଯାଇଛି। ଜଣେ ଅପ୍ରାଧିକୃତ ବ୍ୟକ୍ତିଙ୍କ ଦ୍ୱାରା ଆହୁତ ଏହି ବୈଠକ ଏକ ବେଆଇନ ଓ ଅଭିସନ୍ଧିମୂଳକ ବୈଠକ ହୋଇଥିବାରୁ ଏହାକୁ ବାତିଲ କରିବା ସହ ପୂର୍ବରୁ ଯଜ୍ଞ ଉଦ୍ଦେଶ୍ୟରେ ଦକ୍ଷିଣା ଅର୍ଥର ସଞ୍ଚିତ ଅର୍ଥକୁ ସୁରକ୍ଷା ଦେବାପାଇଁ ଶ୍ରୀମନ୍ଦିର ପ୍ରଶାସକଙ୍କୁ ଡାକ ଯୋଗେ ଓ ବ୍ୟକ୍ତିଗତ ଭାବେ ଦାବି କରାଯାଇଛି ।

ଶ୍ରୀମନ୍ଦିର ମୁକ୍ତିମଣ୍ଡପରେ ସ୍ୱତ୍ୱଲିପି ବହିର୍ଭୂତ ଶାସନର କେତେଜଣ ବ୍ରାହ୍ମଣ ଜବରଦସ୍ତ ପଶି ଆଜକୁ ପ୍ରାୟ ୮ବର୍ଷ ହେବ ସ୍ୱତ୍ୱଲିପି ଅଧିକାରୀ ୨୪ଶାସନର ବ୍ରାହ୍ମଣଙ୍କଠାରୁ ଖାତାପତ୍ର ଛଡ଼ାଇନେଇ ଓ ଏକ ଅବୈଧ ତଥା ବେଆଇନ କମିଟି ଗଠନ କରି ମଣ୍ଡପକୁ ନିଜ ଅକ୍ତିଆରରେ ରଖି ଏହାର ଧାର୍ମିକ ଗରିମାକୁ କ୍ଷୁର୍ଣ୍ଣ କରିବା ସହିତ ଅଧିକୃତ ବୟୋଜ୍ୟେଷ୍ଠ ବ୍ରାହ୍ମଣମାନଙ୍କୁ ଆର୍ଥିକ ଓ ମାନସିକ ନିର୍ଯାତନା ଦେଇଆସୁଛନ୍ତି। ଜବରଦଖଲକାରୀଙ୍କର ଅଶୋଭନୀୟ କାର୍ଯ୍ୟକଳାପ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଓ ଓଡ଼ିଶା ସରକାରଙ୍କର ଆଇନ ବିଭାଗକୁ ବିଭିନ୍ନ ସମୟରେ ଅବଗତ କରାଯାଇଛି। ଜବରଦଖଲକୁ ନେଇ ପୁରୀ କୋର୍ଟରେ ଏକ ଫୌଜଦାରୀ ମକଦମା ଜି.ଆର ୧୬/ ୨୦୧୬ ବିଚାରାଧୀନ ଅଛି। ଏହାବ୍ୟତୀତ ମୁକ୍ତିମଣ୍ଡପରେ ଉପବେଶନ ଅଧିକାରକୁ ନେଇ ପୁରୀ କୋର୍ଟରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ, ମାମଲା ନଂ.୩୫୦/୧୯୯୨ ମଧ୍ୟ ବିଚାରାଧୀନ ଅଛି। ଦୁଇଟି ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ଜଣେ ଜବରଦଖଲକାରୀ ବ୍ରାହ୍ମଣ ନିଜର କୌଣସି ଅଧିକାର ନ ଥାଇ ଏଭଳି ବେଆଇନ ବୈଠକ କରି ମୁକ୍ତିମଣ୍ଡପରେ ଗଚ୍ଛିତ ଥିବା ବ୍ରାହ୍ମଣଙ୍କର ଦକ୍ଷିଣା ଅର୍ଥକୁ ହରିଲୁଟ କରିବାର ଏହା ଏକ ଷଡ଼ଯନ୍ତ୍ର ବୋଲି ଅଭିଯୋଗକାରୀମାନେ ଅଭିଯୋଗରେ ଦର୍ଶାଇଛନ୍ତି। ମୁକ୍ତିମଣ୍ଡପରେ ଅରାଜକତା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ଆଇନ ବିଭାଗ ଦାୟୀ ବୋଲି ମୁକ୍ତିମଣ୍ଡପର ବରିଷ୍ଠ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଦୁର୍ଗାପ୍ରସାଦ ମହାପାତ୍ର, ସୂର୍ଯ୍ୟ ନାରାୟଣ ରଥ, ନିରଞ୍ଜନ ମହାପାତ୍ର, ହରିହର ରଥ, ଆଦିତ୍ୟପ୍ରସାଦ ରଥଙ୍କ ସହ ଅନ୍ୟ ବ୍ରାହ୍ମଣମାନେ ଉପସ୍ଥିତ ଥିଲେ।

# ଆମ ସଂସ୍କୃତି, ଖେଳଣା କର୍ମଶାଳା ଶିବିର ଉଦ୍‌ଯାପିତ



କର୍ମଶାଳାରେ ଯୋଗ ଦେଇଥିବା ଶିକ୍ଷକ ଓ ଅନ୍ୟମାନେ ।

ଡେଲାଙ୍ଗ,୧୮ ।୩(ଡି.ଏନ୍.ଏ.)

କୁନିକୁନି ଛାତ୍ରୀଛାତ୍ରଙ୍କୁ ସହଜରେ ଶିକ୍ଷାଦାନ କରିବାକୁ ଶିକ୍ଷା ବିଭାଗ ପକ୍ଷରୁ ଆମ ସଂସ୍କୃତି ଓ ଖେଳଣା ୨ ଦିନିଆ ପ୍ରଶିକ୍ଷଣ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମରୁ ତୃତୀୟ ଶ୍ରେଣୀ ତଥା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଠପଢାକୁ ଆନନ୍ଦଦାୟକ, ଗୁଣବୋଧକ, ଗୁଣବତ୍ତା ଓ ମୂଳଦୁଆ ସୁଦୃଢ କରିବା ଉଦ୍ଦେଶ୍ୟରେ ବଡ଼ଆଙ୍କୁଲା ଓ ମୁନିନ୍ଦା କ୍ଲଷ୍ଟରରେ ଶିକ୍ଷକଙ୍କୁ ନେଇ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। କର୍ମଶାଳାକୁ ଏବିଇଓ ଲକ୍ଷ୍ମଣ ପ୍ରଧାନ ଉଦ୍‌ଘାଟନ କରିଥିବାବେଳେ ପ୍ରଶିକ୍ଷକ ଭାବେ ଦୟାନିଧି ମାର୍ଥା, ପବିତ୍ର ମୋହନ ଜେନା, ବିଜୟ ମହାପାତ୍ର, ସୂର୍ଯ୍ୟକାନ୍ତ ନାୟକ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସଂସ୍କୃତି ଓ ପରମ୍ପରାକୁ ନେଇ ଶୈକ୍ଷିକ ଖେଳଣା ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିବା ସହିତ କର୍ମଶାଳାରେ ତର୍ଜମା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଅନନ୍ତ ସାହୁ, ପ୍ରଦୀପ ସେଠୀ, ପବିତ୍ର ପ୍ରଧାନ, ଅଭୟ ରଥ, ଜ୍ଞାନରଞ୍ଜନ ମହାପାତ୍ର, ଅଭୟଚରଣ ସାହୁ, ଅଶୋକ ପ୍ରଧାନ, ରୀତା ପଟ୍ଟନାୟକ, ଅନ୍ନପୂର୍ଣ୍ଣା ହରିଚନ୍ଦନ, ପବିତ୍ର ପରିଡ଼ା, ଦୀପ୍ତିମୟୀ ବେହେରାଙ୍କ ସମେତ ୭୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ କର୍ମଶାଳାରେ ଉପସ୍ଥିତ ଥିଲେ।




ଗୋପରେ ଚାଲିଥିବା ରାମଚରିତ ମାନସ କାର୍ଯ୍ୟକ୍ରମରେ ମୃଣ୍ମୟୀ ପ୍ରତିମାଙ୍କୁ ବଣିଆସାହି ଗ୍ରାମବାସୀଙ୍କ ଦ୍ୱାରା ଶୋଭାଯାତ୍ରାରେ ନିଆଯାଉଛି ।

# ଆଧ୍ୟାତ୍ମିକ ଚିନ୍ତାଧାରା ମଣିଷକୁ ସତ୍‌ପଥରେ ନେଇଥାଏ

ଗୋପ,୧୮ ।୩(ଡି.ଏନ୍.ଏ.)

ମଣିଷର ଏବେ ଚିନ୍ତାଧାରା ବଦଳିବାରେ ଲାଗିଛି। ଆଧ୍ୟାତ୍ମିକ ଚିନ୍ତନ ପଥରେ ମଣିଷ ଚାଲିଲେ ମଣିଷର ଭବିଷ୍ୟତ ସୁନ୍ଦରମୟ ହେବ। ସମୟ ଆସିଛି ମଣିଷ ଆଧ୍ୟାତ୍ମିକ ଚିନ୍ତାଧାରାକୁ ଫେରିଆସୁ। ଗୋପ ବଣିଆ ସାହିରେ ୯ ଦିନ ଧରି ଚାଲିଥିବା ରାମଚରିତ ମାନସ କାର୍ଯ୍ୟକ୍ରମରେ ପ୍ରବଚକ ତଥା ଅଧ୍ୟାପକ ସନ୍ତୋଷ ସାହୁ ଶତାଧିକ ଶ୍ରଦ୍ଧାଳୁଙ୍କୁ ଶୁକ୍ରବାର ଏହି ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରବଚକ ଯୋଗଦେଇ ଆଧ୍ୟାତ୍ମିକ ଚିନ୍ତାଧାରା ଉପରେ ପ୍ରବଚନ ରଖିଥିଲେ। ଅଧ୍ୟାପକ ସାହୁ ୫ ଦିନ ଧରି ରାମାୟଣ, ମହାଭାରତ, ଗୀତା, ଭାଗବତ ଓ ଜଗନ୍ନାଥ ସଂସ୍କୃତି ପରମ୍ପରା ଉପରେ ଶ୍ରଦ୍ଧାଳୁଙ୍କୁ ମଣିଷ କିପରି ଚିନ୍ତାଧାରା ବଦଳାଇ ଅସତ୍ ବାଟରେ ଯାଉଛି ତାହା ଉପରେ ମତ ରଖିଥିଲେ। ଏଥିସହ ସତ୍ୟ ଯୁଗରେ ଭଗବାନଙ୍କ କାହାଣୀ ଓ କାର୍ଯ୍ୟ ଓ ସତ୍‌କାର୍ଯ୍ୟ ଉପରେ ମତାମତ ରଖିଥିଲେ। କାର୍ଯ୍ୟକ୍ରମରେ ହନୁମାନଙ୍କ ଦ୍ୱାରା ଲଙ୍କାପୋଡି, ସୀତା ଠାବ, ହନୁମାନଙ୍କ ନୃତ୍ୟ ସହିତ ସଂକୀର୍ତ୍ତନ ମଧ୍ୟ ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ବ୍ୟାସ ଭାବରେ ବିମ୍ବାଧର ସେନାପତି ମୃଣ୍ମୟୀ ମୂର୍ତ୍ତି ରାମଚନ୍ଦ୍ର, ଲକ୍ଷ୍ମଣ ଓ ମା' ସୀତାଙ୍କୁ ପୂଜାର୍ଚ୍ଚନା କରିବା ସହ ଗୀତା ଭାଗବତ ପାଠ କରିଥିଲେ। ଶେଷ ଦିନରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ ସମ୍ମାନିତ କରାଯାଇଥିଲା। ବଣିଆ ସାହି ଗ୍ରାମବାସୀ ଶନିବାର ଏକ ଶୋଭାଯାତ୍ରାରେ ବାହାରି ନିକଟସ୍ଥ କୁଶଭଦ୍ରା ନଦୀରେ ମୃଣ୍ମୟୀ ପ୍ରତିମା ବିସର୍ଜନ କରିଥିଲେ। କାର୍ଯ୍ୟକ୍ରମକୁ ବଣିଆ ସାହି ଗ୍ରାମ ସଭାପତି ଶୈଳେନ୍ଦ୍ର ନାରାୟଣ ସାହୁ, ସମ୍ପାଦକ କ୍ଷୀରୋଦ ପରମାଣିକ, ସୁରେଶ ସାହୁ, ସଞ୍ଜୀବ ନାରାୟଣ ସାହୁ, ଜିତେନ୍ଦ୍ର ସାହୁ, ରବି ନାରାୟଣ ପୁଷ୍ଟି, ଦେବାଶିଷ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ପୁରୀ ଅଫିସ,୧୮ ।୩



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ସୂଚନା ଦେଉଛନ୍ତି ।

ତାଳବଣିଆ ଥାନା ପୋଲିସକୁ ଶନିବାର ଏକ ବଡ଼ଧରଣର ସଫଳତା ମିଳିଛି। ଡକାୟତି ପାଇଁ ଯୋଜନା କରୁଥିବାବେଳେ ପୋଲିସ ଚଢ଼ାଉ କରି ୫ଜଣ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ପିକେଆରଆଇଟି କଲୋନୀ ଅଞ୍ଚଳର ପିଣ୍ଟୁ ଥାପା, ଟିକରପଡ଼ା ଅଞ୍ଚଳର ମନୋଜ କୁମାର ପ୍ରଧାନ, ମଧୁବନ ଅଞ୍ଚଳର ସମ୍ମିତ ରଞ୍ଜନ ବେହେରା, ସର୍ବୋଦୟ ନଗର ଅଞ୍ଚଳର ମୁକ୍ତାମଣୀ ରଣସିଂହ ଏବଂ ଟାଉନ ଥାନା ଅନ୍ତର୍ଗତ ଜଗନ୍ନାଥ ବଲ୍ଲଭର ବିରଞ୍ଚି ମହାପାତ୍ର। ତାଳବଣିଆ ଥାନା ପୋଲିସ ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଲୁହା ଖଣ୍ଡା, ଗୋଟିଏ ରଡ଼, ଗୋଟିଏ ଲଙ୍କା ଗୁଣ୍ଡା ପ୍ୟାକେଟ, ୨ଟି ବାଇକ୍, ୪ଟି ମୋବାଇଲ, ଗୋଟିଏ କାଠ ବାଡ଼ି ଓ ଦଉଡ଼ି ଜବତ କରିଛି। ଏ ନେଇ ପୋଲିସ ନଂ. ୫୧/୨୩ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଥିବା ନେଇ ଶନିବାର ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିରି ପଣ୍ଡା ସୂଚନା ଦେଇଛନ୍ତି। ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ତାଳବଣିଆ ପୋଲିସ ପକ୍ଷରୁ ଥାନା ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିଲା। ଅଭିଯୁକ୍ତମାନେ ଲେକଚର କଲୋନୀଠାରେ ବିଭିନ୍ନ ମାରଣାସ୍ତ୍ର ଧରି ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ଏହି ଖବର ବିଶେଷ ସୂତ୍ରରୁ ପୋଲିସ ପାଇ ଉକ୍ତ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରି ଥାନାକୁ ଆଣିଥିଲା।

# ଦକ୍ଷତା ବିକାଶ ପାଇଁ ତାଲିମ କରିବା ନେଇ ବୈଠକ

ପୁରୀ ଅଫିସ,୧୮ ।୩

ବିଭିନ୍ନ କ୍ଷେତ୍ରରେ ଦକ୍ଷତା ହାସଲ ସହ ପ୍ରମାଣପତ୍ର ପ୍ରାପ୍ତି ଦ୍ୱାରା ସମ୍ପୃକ୍ତ ବ୍ୟକ୍ତି ସ୍ୱାବଲମ୍ବୀ ହେବାରେ ସହଜ ହୋଇପାରିବ। ନିଜେ ଜଣେ ଉଦ୍ୟୋଗପତି ହେବା, ବିଭିନ୍ନ ବ୍ୟାଙ୍କରୁ ଋଣ ପ୍ରାପ୍ତ ହୋଇ ନିଜକୁ ପ୍ରତିଷ୍ଠିତ କରିବା ଏହି ପ୍ରମାଣପତ୍ର ଦ୍ୱାରା ସମ୍ଭବ ହୋଇପାରିବ। ତେଣୁ ପୁରୀ ଜିଲାର ଆଗ୍ରହୀ ଆଶାୟୀମାନେ ଏହାର ସୁଯୋଗ ନେବାର ବ୍ୟବସ୍ଥା କରିବାକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ବିଭିନ୍ନ ବିଭାଗକୁ ଦକ୍ଷତା ବିକାଶ ତାଲିମ କରିବାକୁ ଆହ୍ୱାନ ଦେଇଛନ୍ତି। ଶନିବାର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ ସାହୁଙ୍କ ଅଧ୍ୟକ୍ଷତାରେ ଜିଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଦକ୍ଷତା ବିକାଶ ପାଇଁ ଆଗ୍ରହୀ ଆବେଦନକାରୀ ଙ୍କୁ ସୂଚନା ପ୍ରଦାନ ଓ ତାଲିମ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲାରେ କୃଷି, ପର୍ଯ୍ୟଟନ ହସ୍ପିଟାଲିଟି, ନିର୍ମାଣ କ୍ଷେତ୍ର, ଖାଦ୍ୟ ପ୍ରସ୍ତୁତି, ପାଇପ ମରାମତି, ଗାଡ଼ି ମରାମତି, ହସ୍ତତନ୍ତ, ଇଲୋକ୍ଟ୍ରୋନିକ୍ସ ଓ ହାର୍ଡୱେୟାର ଇତ୍ୟାଦିରେ ଦକ୍ଷତା ବୃଦ୍ଧି ପାଇଁ ତାଲିମ ପ୍ରଦାନର ବ୍ୟବସ୍ଥା ରହିଥିବାରୁ ପ୍ରତ୍ୟେକ ବିଭାଗ ସେହିଭଳି ଆଗ୍ରହୀ ପ୍ରାର୍ଥୀମାନଙ୍କୁ ସୂଚନା ଓ ତାଲିକା ପ୍ରଦାନ ପାଇଁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ୧୮ ରୁ ୪୫ ବର୍ଷ ବୟସର ପ୍ରାର୍ଥୀ ଯାହାର କି ୫ମରୁ ଉର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ରହିଥିବ, ସେମାନେ ନିଜ ଉପଯୋଗୀ ହେଲା ଭଳି ବିଭାଗ ଚୟନ କରି ଜିଲା ନିୟୋଜନ କାର୍ଯ୍ୟାଳୟରେ ଆବେଦନ କରିପାରିବେ। ବୈଷୟିକ ଦକ୍ଷତା ତାଲିମଦାତାଙ୍କ ତାଲିମ ପ୍ରଦାନ ପରେ ସମ୍ପୃକ୍ତ ଆବେଦନକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ଯାହା ତାଙ୍କର ନିଯୁକ୍ତି, ଉଦ୍ୟୋଗ ଓ ସଶକ୍ତୀକରଣ ପାଇଁ ସହାୟକ ହେବ ବୋଲି ସାହୁ ସୂଚନା ଦେଇଥିଲେ। ଏହି ବୈଠକରେ ଜିଲା ନିୟୋଜନ ଅଧିକାରୀ ସୁବାସ ଚନ୍ଦ୍ର ବେହେରା, ଓରମାସର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ଦାସ, ଅନ୍ୟାନ୍ୟ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ସ୍କୁଲରୁ ମଧ୍ୟାହ୍ନଭୋଜନ ଉଦ୍ଧିଷ୍ଟ ଜାଳେଣି ନେଇ ହଟହଟା ପ୍ରଧାନ ଶିକ୍ଷକ ଦମ୍ପତି

**ଗ୍ରାମବାସୀଙ୍କ ହାତରେ ଧରାପଡ଼ିଲେ**

କୋଣାର୍କ,୧୮ ।୩ (ଡି.ଏନ୍.ଏ.)

ଗୋପ ବ୍ଲକ୍ ତଥା କୋଣାର୍କ ଥାନା ଅନ୍ତର୍ଗତ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପରିସରରୁ ଶନିବାର ଅପରାହ୍ନରେ ଜଣେ ପ୍ରଧାନ ଶିକ୍ଷୟିତ୍ରୀ ଓ ତାଙ୍କ ସ୍ୱାମୀ ତଥା ଅନ୍ୟ ଏକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧ୍ୟାହ୍ନଭୋଜନ ଜାଳେଣି କାଠ ଓ ଗ୍ୟାସ୍ ସିଲିଣ୍ଡର ନେଉଥିବା ଅବସ୍ଥାରେ ଗ୍ରାମବାସୀଙ୍କ ହାତରେ ଧରାପଡି ହଟହଟା ହୋଇଛନ୍ତି। ଘଟଣାସ୍ଥଳରେ କୋଣାର୍କ ପୋଲିସ ପହଞ୍ଚି ଗ୍ରାମବାସୀଙ୍କ କବଳରୁ ପ୍ରଧାନଶିକ୍ଷୟିତ୍ରୀ ଏବଂ ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିଛି। ତେବେ ଘଟଣା ସମ୍ପର୍କରେ ବିଦ୍ୟାଳୟର ଭାରପ୍ରାପ୍ତ ଶିକ୍ଷକ ସୁଶାନ୍ତ ବେହେରା ଓ ସ୍କୁଲ ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ସେଠୀ ଥାନାରେ ଅଭିଯୋଗ କରିଥିଲେ। ହେଲେ ଅଭିଯୋଗକୁ ପୋଲିସ ନ ରଖିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଗ୍ରାମବାସୀ ଥାନା ଘେରାଉ ପାଇଁ ପ୍ରସ୍ତୁତ ହେଉଥିବା ଜାଣିବା ପରେ ପୋଲିସ ଅଭିଯୋଗ ରଖି ଉଭୟଙ୍କୁ ପଚରାଉଚରା କରୁଥିବା ସୂଚନା ମିଳିଛି।

ଅଭିଯୋଗ ଅନୁଯାୟୀ, ଗତ ୧୦ତାରିଖରୁ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ଉକ୍ତ ପ୍ରଧାନଶିକ୍ଷୟିତ୍ରୀ ବଦଳି ହୋଇ କରମଙ୍ଗା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ଯୋଗଦେଇଛନ୍ତି। କିନ୍ତୁ ଚତୁରତାର ସହିତ ସେ ନୂଆଗାଁ ସ୍କୁଲର ଗୋଟିଏ ସେଟ୍ ଚାବି ନିଜ ପାଖରେ ରଖିଛନ୍ତି। ଶନିବାର ସ୍କୁଲ ଛୁଟି ପରେ ଉକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ ତାଙ୍କ ସ୍ୱାମୀ ଗୋଟିଏ ଡାଲା ଅଟୋ ନେଇ ସ୍କୁଲ ପରିସରରେ ପହଞ୍ଚିଥିଲେ। ସ୍କୁଲ ପରିସରରେ କେହି ନଥିବା ଦେଖି କାର୍ଯ୍ୟାଳୟ ଓ ଶ୍ରେଣୀଗୃହର ତାଲା ଖୋଲି ମଧ୍ୟାହ୍ନ ଭୋଜନ ଉଦ୍ଦେଶ୍ୟରେ ଗଚ୍ଛିତ ଜାଳେଣି କାଠ, ଗୋଟିଏ ଏଲ୍‌ପିଜି ସିଲିଣ୍ଡର ସମେତ ଅନ୍ୟାନ୍ୟ ସାମଗ୍ରୀ ଏବଂ କେତେକ ଜରୁରୀ କାଗଜାତ ଅଟୋରେ ଲଦି ଫେରୁଥିବା ବେଳେ ଗ୍ରାମବାସୀଙ୍କ ହାତରେ ଧରାପଡିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଅଟୋରୁ ସମସ୍ତ ସାମଗ୍ରୀ ଖାଲି କରିବା ସହ ଗ୍ରାମବାସୀଙ୍କ କବଳରୁ ଦମ୍ପତିଙ୍କୁ ଉଦ୍ଧାର କରି ଥାନାକୁ ଆଣିବା ପରେ ତାଙ୍କୁ ଗିରଫ ନ କରି ଛାଡି ଦେଇଥିବା ସ୍କୁଲ ସଭାପତି ସୁବାସ ସେଠୀ ଅଭିଯୋଗ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଉକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗତ ଜାନୁୟାରୀ ୨୩ରୁ ୨୯ତାରିଖ ପର୍ଯ୍ୟନ୍ତ ଛୁଟି ଦରଖାସ୍ତ ନ ଦେଇ ସ୍କୁଲରେ ଅନୁପସ୍ଥିତ ଥିଲେ ମଧ୍ୟ ପରେ ରାତିଅଧିଆ ଶିକ୍ଷକ ଉପସ୍ଥାନରେ ଦସ୍ତଖତ କରିଥିଲେ। ଏହି ଘଟଣା ଗୋପ ବିଇଓ ସୁଶୀଳ କୁମାର ବ୍ରହ୍ମାଙ୍କ ନଜରକୁ ଆସିବା ପରେ ତାଙ୍କ ବିରୋଧରେ ଡିପାର୍ଟମେଣ୍ଟାଲ ପ୍ରୋସିଡିଂ ଜାରି କରିଥିଲେ ଏବଂ ଗତ ୯ତାରିଖରେ ପ୍ରଶାସନିକ ପଦକ୍ଷେପ ନିଆଯାଇ କରମଙ୍ଗା ସ୍କୁଲକୁ ବଦଳି କରାଯାଇଥିଲା। ସେ ୧୦ ତାରିଖରେ କରମଙ୍ଗା ବିଦ୍ୟାଳୟରେ କାର୍ଯ୍ୟରେ ଯୋଗ ଦେବାପରେ ବିଭିନ୍ନ ଆଳ ଦେଖାଇ ଏଯାବତ୍ ନୂଆଗାଁର ସହକାରୀ ଶିକ୍ଷକ ସୁଶାନ୍ତ ବେହେରାଙ୍କୁ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି। ଏଭଳି ସ୍ଥିତିରେ କାହାକୁ ନ ଜଣାଇ ସ୍କୁଲରୁ ସାମଗ୍ରୀ ଚୋରି କରିବା ଘଟଣାକୁ ନେଇ ଉକ୍ତ ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ମାମଲା ରୁଜୁ କରାଯିବା ସହିତ ବିଭାଗୀୟ କାର୍ଯ୍ୟାନୁଷ୍ଠାନସ୍ୱରୂପ ତାଙ୍କୁ ଚାକିରିରୁ ବହିଷ୍କାର କରିବାକୁ ନୂଆଗାଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ କୌଣସି ମତାମତ ମିଳିପାରି ନାହିଁ।

# ମାଣ୍ଡିଆ ରପ୍ତାନିରେ ବୈଦେଶିକ ମୁଦ୍ରା ଉପାର୍ଜନ ହେବ

**ଅନ୍ତର୍ଜାତୀୟ ମାଣ୍ଡିଆ ସମ୍ମିଳନୀ**

ସାକ୍ଷୀଗୋପାଳ, ୧୮ ।୩(ଡି.ଏନ୍.ଏ/ସ୍ୱ.ପ୍ର.)

ଅନ୍ତର୍ଜାତୀୟ ମାଣ୍ଡିଆ ବର୍ଷ ୨୦୨୩ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ଶନିବାର ବିଶ୍ୱସ୍ତରୀୟ ସମ୍ମିଳନୀ ଉଦ୍‌ଘାଟନ କରିଛନ୍ତି। ପୁରୀ ଜିଲା କୃଷି ବିଜ୍ଞାନ କେନ୍ଦ୍ର, ମୁଖ୍ୟ କାର୍ଯ୍ୟାଳୟ ସାକ୍ଷୀଗୋପାଳ ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଅନୁଷ୍ଠିତ ହୋଇଥିଲା। ମାଣ୍ଡିଆ ଭାରତବର୍ଷର ପ୍ରାଚୀନ ଖାଦ୍ୟ। ଏହା ଗ୍ଲୁଟେନ ମୁକ୍ତ ଏବଂ ତନ୍ତୁ ଜାତୀୟ ଖାଦ୍ୟ। ଏଥିରେ ଖାଦ୍ୟସାର ଅଧିକ ପରିମାଣରେ ଅଛି। ଖଣିଜ ଲବଣ ହିସାବରେ କ୍ୟାଲ୍‌ସିୟମ ଓ ଲୌହ ସାର ମଧ୍ୟ ଯଥେଷ୍ଟ ପରିମାଣରେ ରହିଛି। ହୃଦ୍‌ରୋଗୀ, ପାକସ୍ଥଳୀ, ଅଲସରଜନିତ ରୋଗୀ ଓ ରକ୍ତହୀନତା ରୋଗୀଙ୍କ ନିମନ୍ତେ ଏହା ଔଷଧୀୟ ରୂପେ କାର୍ଯ୍ୟ କରିଥାଏ। ଭାରତର ଜଙ୍ଗଲିଆ ଓ ଉଚ୍ଚ ପଥୁରିଆ ଜମିରେ ସାଧାରଣତଃ ଏହି ଚାଷ ହେଉଥିବାରୁ ଜଳସେଚନର ବିଶେଷ ଆବଶ୍ୟକତା ପଡ଼ି ନ ଥାଏ। ଜନଜାତି ସମ୍ପ୍ରଦାୟର ଚାଷୀ ଏହାକୁ ବହୁଳ ପରିମାଣରେ ଚାଷ କରିନ୍ତି। ଏହାକୁ ବିଦେଶକୁ ରପ୍ତାନି କରି ବୈଦେଶିକ ମୁଦ୍ରା ଉପାର୍ଜନ ହୋଇପାରିବ। ଜନଜାତି ସମ୍ପ୍ରଦାୟ ଚାଷୀଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହେବ। ବିଦେଶକୁ ମାଣ୍ଡିଆ ରପ୍ତାନି ଜରିଆରେ ବୈଦେଶିକ ମୁଦ୍ରା ଅର୍ଜନ ଓ ଜନଜାତି ସମ୍ପ୍ରଦାୟର ବିକାଶ ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏଥିରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସଞ୍ଜୟ ମହାନ୍ତି, ମତ୍ସ୍ୟ ବୈଜ୍ଞାନିକ ଡ. ଅମ୍ବିକା ପ୍ରସାଦ ନାୟକ, ଗୃହ ବିଜ୍ଞାନୀ ଡ. ସୁମିତା ଆଚାର୍ଯ୍ୟ, କୃଷି ଯାନ୍ତ୍ରିକ ବୈଜ୍ଞାନିକ ଡ. ଦୀପସିକା ପରମଜିତା, ପୁଷ୍ପାଞ୍ଜଳି ମିଶ୍ର, ନିଭା ମହାପାତ୍ର, ସୋନିତିରାଣୀ ସେଠୀ, ବିଭୁପ୍ରସାଦ ଦାସ ଓ ୫୦ ଜଣ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ।



ଅନ୍ତର୍ଜାତୀୟ ମାଣ୍ଡିଆ ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା ।

# ଆନ୍ତଃରାଜ୍ୟ ଟେନିସ୍ ବଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ପୁରୀ ଅଫିସ,୧୮ ।୩

ତାଳବଣିଆସ୍ଥିତ କ୍ରିକେଟ୍ ପଡିଆରେ ଚାଲିଥିବା ମର୍ନିଂ ୱାରିୟର୍ସ ଯୁବକ ସଂଘ ଆନୁକୂଲ୍ୟରେ ପ୍ରଥମ ଶ୍ରୀକ୍ଷେତ୍ର କପ୍ ଏବଂ ପ୍ରଥମ ରାଜା ମେମୋରିଆଲ ଆନ୍ତଃରାଜ୍ୟ ଟେନିସ୍ ବଲ କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୬ଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ। ତେବେ ଫାଇନାଲ ମ୍ୟାଚ ଅସ୍ତରଙ୍ଗ ଏକାଦଶ ଏବଂ କପୁଳ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଫାଇନାଲ ମ୍ୟାଚ ୩ ମ୍ୟାଚ ବିଶିଷ୍ଟ ହୋଇଥିଲା। ଫାଇନାଲର ପ୍ରଥମ ମ୍ୟାଚ୍‌ରେ କପୁଳ ସ୍ପୋର୍ଟିଂ ବିଜୟ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଅସ୍ତରଙ୍ଗ ଏକାଦଶ ବିଜୟ ହୋଇଥିଲା। ତେବେ ଶେଷ ତଥା ନିର୍ଣ୍ଣାୟକ ମ୍ୟାଚ୍‌ରେ କପୁଳ ସ୍ପୋର୍ଟିଂ ବିଜୟ ଲାଭ କରିଥିଲା। ୩ ମ୍ୟାଚ ବିଶିଷ୍ଟ ଫାଇନାଲ ମ୍ୟାଚ୍‌ରେ ଦୁଇଟି ମ୍ୟାଚ୍ ଜିତି କପୁଳ ସ୍ପୋର୍ଟିଂ ପ୍ରତିଯୋଗିତାର ଚାମ୍ପିୟନ ହୋଇଥିଲା। ପ୍ରତିଯୋଗିତାର ଉଦ୍‌ଯାପନୀ ମ୍ୟାଚ୍‌ରେ ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ମ୍ୟାନ୍ ଅଫ୍ ଦି ମ୍ୟାଚ ଏବଂ ମ୍ୟାନ୍ ଅଫ୍ ଦି ସିରିଜ୍ କିରଣ ଖାନ ବିବେଚିତ ହୋଇଥିଲେ। ସେହିପରି ପ୍ରତିଯୋଗିତାର ଚାମ୍ପିୟନ କପୁଳ ସ୍ପୋର୍ଟିଂକୁ ନଗଦ ୬୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଉପବିଜେତା ଦଳକୁ ୪୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା।




ଆନ୍ତଃରାଜ୍ୟ ଟେନିସ୍ ବଲ କ୍ରିକେଟ୍ ଟୁର୍ନାମେଣ୍ଟର ଉଦ୍‌ଯାପନ ଉତ୍ସବରେ ଉପସ୍ଥିତ ଅତିଥିଙ୍କଠାରୁ ରନର୍ସଅପ୍ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି ।

**୩୦୦୦ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ମିଳିବ**

କଟକ ଅଫିସ: ଜାଗା ମିଶନ କାର୍ଯ୍ୟକ୍ରମରେ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ଯୋଗାଇ ଦିଆଯିବ। ଏନେଇ ଶନିବାର ବିଜୁ ଭବନ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ସିଏମ୍‌ସି ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ଘର ଘର ସର୍ଭେ କରାଯିବା ପରେ ୩୦୦୦ ବସ୍ତିବାସିନ୍ଦାଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସେମାନଙ୍କ ଅଧିକାର ପ୍ରଦାନ କରିବା କ୍ଷେତ୍ରରେ କୌଣସି ଅସୁବିଧା ସୃଷ୍ଟି ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ସିଏମ୍‌ସି କମିଶନର ନିଖିଲ ପଵନ କଲ୍ୟାଣ ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବସ୍ତିବାସିନ୍ଦାଙ୍କ ନାଁରେ ମଞ୍ଜୁର ହୋଇଥିବା ଜମିର କିସମ ଯାଞ୍ଚ କରିବାକୁ ତହସିଲଦାରଙ୍କୁ କୁହାଯାଇଛି। ଏହାପରେ ବସ୍ତିବାସିନ୍ଦା ଭୂମି ଅଧିକାର ପ୍ରମାଣପତ୍ର ପାଇବେ।

## ସଂକ୍ଷେପରେ

### ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ଏମ୍‌ପିଙ୍କ କୁଶପୁତ୍ତଳିକା ଦାହ

**ରାଷ୍ଟ୍ରପତିଙ୍କୁ ଅସମ୍ମାନ**

**କଟକ ଅଫିସ,୧୮।୩:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅସମ୍ମାନଜନକ ମନ୍ତବ୍ୟ ଦେବା ନେଇ ନିଖିଳ ଓଡ଼ିଶା ବୁଦ୍ଧିଜୀବୀ ଫୋରମ୍ ପକ୍ଷରୁ ନିନ୍ଦା କରାଯାଇଛି। ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀ ରାଷ୍ଟ୍ରପତିଙ୍କୁ ଅପମାନଜନକ ଭାବେ ରାଷ୍ଟ୍ରପତ୍ନୀ କହିବା ଓ ସେହି ଦଳର ମନ୍ତ୍ରୀ ଅଖିଳ ଗିରି ରାଷ୍ଟ୍ରପତିଙ୍କ ରୂପକୁ ନେଇ କୁତ୍ସାରଟନା କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ଫୋରମ ପକ୍ଷରୁ କୁହାଯାଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଲୋକ ଦେଖାଣିଆ ଭାବେ ଗଣମାଧମରେ ଭୁଲ ମାଗିଛନ୍ତି। ଓଡ଼ିଶାରେ ଜନ୍ମିତ ରାଷ୍ଟ୍ରପତିଙ୍କୁ ଆଘାତ ଦେଇଥିବା ମନ୍ତ୍ରୀମାନେ ବା ମୁଖ୍ୟମନ୍ତ୍ରୀ ନିଜେ ଓଡ଼ିଶା ଆସି ଜଗନ୍ନାଥଙ୍କୁ ବଡ଼ଦାଣ୍ଡରେ ଭୁଲ୍ ମାଗିବାର ଥିଲା ବୋଲି ଫୋରମ ପକ୍ଷରୁ କୁହାଯାଇଛି। ଫୋରମ୍‌ର ଉପସଭାପତି ତଥା ଆଇନଜୀବୀ ତାପସ କୁମାର ଦ୍ୱିବେଦୀଙ୍କ ନେତୃତ୍ୱରେ ସଦସ୍ୟାସଦସ୍ୟ ଓ ହାଇକୋର୍ଟର ମହିଳା ଆଇନଜୀବୀମାନେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀ ଓ ମନ୍ତ୍ରୀ ଅଖିଳ ଗିରିଙ୍କ କୁଶପୁତ୍ତଳିକା ଶନିବାର କ୍ରିମିନାଲ କୋର୍ଟ ସମ୍ମୁଖରେ ଦାହ କରିଥିଲେ। ଏଥିସହ ସେମାନଙ୍କୁ ଦଳ ଓ ମନ୍ତ୍ରୀପଦରୁ ବହିଷ୍କାର କରିବାକୁ ସେମାନେ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଅକ୍ଷୟ କୁମାର ପତି, ଚିତ୍ତରଞ୍ଜନ କର, ସୁଲୋଚନା ପାତ୍ର, ଶର୍ମିଷ୍ଠା ନାୟକ, ଦିଲୀପ ରାଏ, ଗିରିଧାରୀ ରାଉତ, ଗିରିଜା ଶଙ୍କର ନାୟକଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

### କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**କଟକ ଅଫିସ, ୧୮।୩:** ନ୍ୟାଶନାଲ ଟିଚର କାଉନସିଲ ପକ୍ଷରୁ କରାଯାଇଥିବା ବିଭିନ୍ନ ଅଲମ୍ପିଆଡ ପରୀକ୍ଷାରେ କେତେଜଣ ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଛନ୍ତି। ସେମାନଙ୍କୁ ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ ପକ୍ଷରୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲ ଅଧ୍ୟକ୍ଷ ନିରଞ୍ଜନ ସ୍ୱାଇଁ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ମେଡାଲ ପ୍ରଦାନ କରିଥିଲେ। ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ର ଅନିକେତ ସାହୁ ଜାତୀୟ ସ୍ତରରେ ଏକ ନମ୍ବର ର‌୍ୟାଙ୍କ୍ ରଖି ନ୍ୟାଶନାଲ ଟିଚର କାଉନସିଲ ପକ୍ଷରୁ ପୁରସ୍କୃତ ହୋଇଛନ୍ତି। ସେହିପରି ଅଷ୍ଟମ ଶ୍ରେଣୀ ଛାତ୍ରୀ ଦେବାଶିଂ ତିୱାରୀ, ଆୟୋଶକାନ୍ତ ପୁରସ୍କୃତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଏସ୍‌କେ କୁମାର, ଡ. ଭିକାରୀ ଚରଣ ତ୍ରିପାଠୀ, ସ୍ୱର୍ଣ୍ଣବାଳା ରାଉତ, ମାନସ ରଞ୍ଜନ ପାଣିଗ୍ରାହି ପ୍ରମୁଖ ଉପସ୍ଥିତଥିଲେ।

### ଶ୍ରମିକ ନେତାଙ୍କ ଜୟନ୍ତୀ ପାଳିତ

**ଚୌଦ୍ୱାର,୧୮।୩(ଡି.ଏନ୍.ଏ.):** ଚୌଦ୍ୱାର ସାହିତ୍ୟ ସଂସଦର ପ୍ରତିଷ୍ଠାତା ତଥା ବରିଷ୍ଠ ଶ୍ରମିକ ନେତା ସ୍ୱର୍ଗତ ବନମାଳୀ ଦାସଙ୍କ ୯୫ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଚୌଦ୍ୱାର ସାହିତ୍ୟ ସଂସଦ ପକ୍ଷରୁ ଓଟିଏମ୍ କଲୋନୀସ୍ଥିତ ବନମାଳୀ ଷ୍ଟୋର ପରିସରରେ ଥିବା ତାଙ୍କର ପ୍ରତିମୂର୍ତ୍ତିରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସୁବ୍ରତ ସାମଲ, କେ.ସି. ପ୍ରତାପସିଂ, ମାନସ ରଞ୍ଜନ ସାମଲ, ଶରତ କୁମାର ଖୁଣ୍ଟିଆ, ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ଶିବ ପ୍ରସାଦ ପତି, କୈଳାସ ସାହାଣୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ବନମାଳୀଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ। ସରିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଂସଦ ସମ୍ପାଦକ ଦିବ୍ୟଜ୍ୟୋତି ପାଣି ଧନ୍ୟବାଦ ଦେଇଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମିର ଉନ୍ନତୀକରଣ କରାଯିବ

**ଆମ ହସ୍ପିଟାଲ ରୂପାନ୍ତିକରଣ ଜିଲାସ୍ତରୀୟ କମିଟି ବୈଠକ**

**■ ପ୍ରଥମ ପର୍ଯ୍ୟାୟରେ ଜିଲାର ୯ ସ୍ୱାସ୍ଥ୍ୟକେନ୍ଦ୍ର ସାମିଲ**

କଟକ ଅଫିସ, ୧୮।୩

ରାଜ୍ୟର ସମସ୍ତ ସଦର ମହକୁମା, ଉପଖଣ୍ଡଗୁଡିକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଏବଂ ଚିକିତ୍ସାଳୟକୁ ୫-ଟି ଆଧାରରେ ଆମ ହସ୍ପିଟାଲ ରୁପାନ୍ତିକରଣ କାର୍ଯ୍ୟକ୍ରମ ଜରିଆରେ ଉନ୍ନତିକରଣ କରାଯିବ। ଏହି ପରିପ୍ରେକ୍ଷୀରେ ପ୍ରଥମ ପର୍ଯ୍ୟାୟରେ କଟକ ଜିଲାର ୯ଟି ବିଧାନସଭା କ୍ଷେତ୍ରରେ ୯ଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ ହସ୍ପିଟାଲ ରୁପାନ୍ତିକରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଏ ନେଇ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆମ ହସ୍ପିଟାଲ ରୂପାନ୍ତିକରଣ କାର୍ଯ୍ୟକ୍ରମ ଜିଲାସ୍ତରୀୟ କମିଟିର ପ୍ରଥମ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରି କହିଥିଲେ, ଉକ୍ତ ୯ଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନତଧରଣର କରାଯିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଭିତ୍ତିଭୂମିର ଉନ୍ନତିକରଣ କରାଯାଇ ରୋଗୀଙ୍କୁ ଉନ୍ନତମାନର ମୌଳିକ ଚିକିତ୍ସାସେବା ଯୋଗାଇ ଦିଆଯିବ। ଏଥିସହ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବା ଦିଗରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଉନ୍ନତୀକରଣ ନିମନ୍ତେ ଏକ କମିଟି ଗଠନ କରାଯାଇଛି। ଉକ୍ତ କମିଟିରେ ଜିଲାପାଳ ଅଧ୍ୟକ୍ଷ ରହିଥିବାବେଳେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଆବାହକ ଅଛନ୍ତି। ସେହିପରି ସିଏମ୍‌ସି କମିଶନର, ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ଅଧୀକ୍ଷଣ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ନିର୍ବାହୀ ଯନ୍ତ୍ରୀ, ମଣ୍ଡଳ ଉନ୍ନୟନ ଅଧିକାରୀ, ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ସଂଯୋଜକ ମଧ୍ୟ ରହିଛନ୍ତି। ଉକ୍ତ ବୈଠକରେ ସିଏମ୍‌ସି କମିଶନର ନିଖିଲ ପଵନ କଲ୍ୟାଣ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅମ୍ବର କୁମାର କର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ସଂଯୋଜକ ଦୀପକ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ନିଖିଲ ପଵନ କଲ୍ୟାଣଙ୍କ ସହ ଅନ୍ୟମାନେ।

# ଲୁହାଗ୍ରିଲ୍ ବଦଳରେ ତିଆରି ହେବ କଂକ୍ରିଟ୍ ବାଡ଼

**ସିଏମ୍‌ସି ଶିକ୍ଷା ଷ୍ଟାଣ୍ଡିଂ କମିଟି ବୈଠକ**

କଟକ ଅଫିସ, ୧୮।୩

ଆସନ୍ତା ଏପ୍ରିଲ୍‌ରୁ ବସ୍ତିଗୁଡିକରେ ଛୋଟ ପାଠାଗାର ନିର୍ମାଣ ହେବ। ଏ ସମ୍ପର୍କରେ ଶନିବାର ବିଜୁଭବନ ପରିସରରେ ଅନୁଷ୍ଠିତ କଟକ ମହାନଗର ନିଗମ (ସିଏମ୍‌ସି)ର ଶିକ୍ଷା ଓ ସଂସ୍କୃତି ବିଭାଗ ଷ୍ଟାଣ୍ଡିଂ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମମତା ମହାନ୍ତି, ସୁଭାଶିଷ ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ବେହେରାଙ୍କ ସମେତ ସମସ୍ତ ସଦସ୍ୟା ଯୋଗଦେଇଥିଲେ। ଲିଙ୍କ୍‌ରୋଡ୍ ରାସ୍ତାର ମଧ୍ୟସ୍ଥଳରେ ଲଗାଯାଇଥିବା ଲୁହାଗ୍ରିଲ ଚୋରି ହୋଇଯାଉଛି। ତେଣୁ ସେଠାରେ ଲୁହାଗ୍ରିଲ୍ ନ କରାଯାଇ କଂକ୍ରିଟ୍ର ବାଡ ତିଆରି କରିବାକୁ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ବୈଠକରେ କମିଶନର ନିଖିଲ ପଵନ କଲ୍ୟାଣ ଯୋଗଦେଇଥିବାରୁ ଷ୍ଟାଣ୍ଡିଂ କମିଟି ପକ୍ଷରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲା। ତୁରନ୍ତ ସମାଧାନ କରାଯିବ ବୋଲି କମିଶନର ପ୍ରତିଶ୍ରୁତି ଦେଇଥିଲେ। ପାର୍କଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଜୋନ୍‌ୱାରି ବିଭକ୍ତ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ସିଏମ୍‌ସିର ୫୯ ଗୋଟି ୱାର୍ଡରେ ପାର୍କ ମରାମତି ଦାୟିତ୍ୱରେ କନିଷ୍ଠ ଯନ୍ତ୍ରୀମାନେ ରହିଛନ୍ତି। ତେଣୁ ଜୋନ୍‌ୱାରି କରାଯିବା ଦ୍ୱାରା ପାର୍କରେ କେତେ କାମ ହେଉଛି ସେ ସଂକ୍ରାନ୍ତରେ ଜଣାପଡ଼ିବ ବୋଲି ବୈଠକରେ ସଦସ୍ୟମାନେ ଆଲୋଚନା କରିଥିଲେ।

# ଭଏସ ଅଫ୍ ବାରବାଟୀ ସନ୍ଧାନରେ ପ୍ରତିଯୋଗିତା

**କଟକ କ୍ଲବର ଏକ ନିଆରା ପ୍ରୟାସ**

କଟକ ଅଫିସ,୧୮।୩

ଓଡ଼ିଶାର ପୁରାତନ କଟକ କ୍ଲବ ପକ୍ଷରୁ ପ୍ରଥମଥର ପାଇଁ ଏକ ନିଆରା ପ୍ରୟାଶ ଆରମ୍ଭ ହୋଇଛି। ଆସନ୍ତା ଏପ୍ରିଲ ୧ ଉତ୍କଳ ଦିବସ ଅବସରରେ କ୍ଲବ ପ୍ରାଙ୍ଗଣରେ ସଙ୍ଗୀତ ଭିତ୍ତିକ ପ୍ରତିଯୋଗୀତା କରାଯିବ। ଏଥିରେ ରାଜ୍ୟର ୧୫ରୁ ୨୫ ବର୍ଷ ପର୍ଯ୍ୟନ୍ତ ଯୁବତୀଯୁବକ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିବେ। ସେମାନଙ୍କ ମଧ୍ୟରୁ ବିଜୟୀ ପ୍ରତିଯୋଗୀଙ୍କୁ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯିବ। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ୫୦ ହଜାର ଟଙ୍କା ସହ ଭଏସ୍ ଅଫ୍ ବାରବାଟୀ ଉପାଧି ପ୍ରଦାନ କରାଯିବ। ସେହିପରି ଦ୍ୱିତୀୟ ଶ୍ରେଷ୍ଠ କଣ୍ଠଶିଳ୍ପୀଙ୍କୁ ୨୫ ହଜାର ଟଙ୍କା ଓ ଉଦୀୟମାନ କଣ୍ଠଶିଳ୍ପୀଙ୍କୁ ୧୫ ହଜାର ଟଙ୍କା ପୁରସ୍କାର ଦିଆଯିବ। ଏହି ପ୍ରତିଯୋଗୀତାରେ ଭାଗ ନେବା ପାଇଁ କୌଣସି ଶୁଳ୍କ ଦେବାକୁ ପଡ଼ିବନାହିଁ। ତେଣୁ ଓଡ଼ିଶାର କୋଣ ଅନୁକୋଣରୁ ପ୍ରତିଭାବାନ ଯୁବତୀଯୁବକ ଭାଗ ନେବା ପାଇଁ ଅନୁରୋଧ କରାଯାଇଛି। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ୭୯୭୮୨୬୭୬୫୦ ନମ୍ବରରେ ୬୦ରୁ ୯୦ ସେକେଣ୍ଡର ଏକ ଗୀତ (ଓଡ଼ିଆ କିମ୍ବା ହିନ୍ଦି) ଗାଇ ରେକର୍ଡିଂ କରି ଆସନ୍ତା ୨୨ ତାରିଖ ସୁଦ୍ଧା ପଠାଇ ଭାଗ ନେଇପାରିବେ। ଏହି ଗୀତରେ ନିଜର ନାମ, ବୟସ, ଠିକଣା ଓ ଫୋନ ନମ୍ବର ମଧ୍ୟ ରେକର୍ଡ କରି ପଠାଇବା ପାଇଁ କୁହାଯାଇଛି। ପ୍ରତିଯୋଗୀତା ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ଉପରୋକ୍ତ ଫୋନ୍ ନମ୍ବରରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ୨ଟା ଏବଂ ସନ୍ଧ୍ୟା ୬ରୁ ରାତି ୯ଟା ମଧ୍ୟରେ ଫୋନ୍ କରି ଜାଣିପାରିବେ।

# ‘ବସନ୍ତ ଆଣିଦିଏ ନୂତନ ସମ୍ଭାବନା’



ବସନ୍ତ ଉତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ଗହଣରେ ଉପସ୍ଥିତ ଅତିଥିବୃନ୍ଦ।

**ସାରଳା ସାହିତ୍ୟ ସଂସଦର ବସନ୍ତ ଉତ୍ସବ**

କଟକ ଅଫିସ,୧୮।୩

ସାରଳା ସାହିତ୍ୟ ସଂସଦ ପକ୍ଷରୁ କଟକ ସାରଳା ଭବନରେ ବସନ୍ତ ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି କହିଥିଲେ, ବୈଦିକ ଯୁଗରୁ ଆଜିପର୍ଯ୍ୟନ୍ତ ବସନ୍ତ ଋତୁ ଶ୍ରେଷ୍ଠତା ପ୍ରତିପାଦନ କରିଆସିଛି। ବସନ୍ତରେ ପ୍ରକୃତି ଓ ଜୀବନ ଗୋଟିଏ ସତ୍ୟର ଦୁଇଟି ପ୍ରକାଶ ଏବଂ ଅତି ଅନ୍ତରଙ୍ଗ। ହାଇକୋର୍ଟର ପୂର୍ବତନ ବିଚାରପତି ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ ଏହାକୁ ଉଦ୍‌ଘାଟନ କରି ବସନ୍ତ ଆସିଲେ ପ୍ରକୃତିରେ ଅପରୂପ ସୌନ୍ଦର୍ଯ୍ୟ ଫୁଟିଉଠେ ବୋଲି କହିଥିଲେ। ମୁଖ୍ୟ ଅତିଥି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁ କହିଥିଲେ, ବସନ୍ତର ଆଗମନରେ ପ୍ରକୃତି ଯେମିତି ମନ୍ଦ ମଳୟରେ ମତୁଆଲା ହୁଏ, ସେହିପରି ସାହିତ୍ୟଠାରୁ ଦେବାଳୟ ଯାଏ ସବୁକିଛି ଉତ୍ସବମୁଖର ହୋଇଉଠେ। କବି ଓ ଲେଖକଙ୍କ ପାଇଁ ବସନ୍ତ ଆଣିଦିଏ ପ୍ରେରଣା ତଥା ନୂତନ ସମ୍ଭାବନା। ମୁଖ୍ୟବକ୍ତା ପ୍ରାଧ୍ୟାପକ ତରୁଣ କୁମାର ସାହୁ ବସନ୍ତ ଆମ ସଂସ୍କୃତିରେ ଏକ ମଧୁମୟ ଋତୁ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଫେସର ରଘୁନାଥ ମେହେର, ଡ. ବନ୍ଦିତା ଦାଶ, ଗାଳ୍ପିକା ଯାଜ୍ଞସେନୀ ସାହା, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏବଂ କୈଳାସ ଚନ୍ଦ୍ର ସ୍ୱାଇଁଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟିକା ଜୟଲକ୍ଷ୍ମୀ ସେଠୀଙ୍କ ରଚିତ ଶ୍ରୀଜଗନ୍ନାଥ ଅମୃତ ପୁସ୍ତକ ଉନ୍ମୋଚିତ ହୋଇଥିଲା। ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ, ସଞ୍ଜିତ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ବିରଞ୍ଚି କୁମାର ସାହୁ, ସୋହାଗିନୀ ବେହେରା, ଗୋପୀନାଥ ପଣ୍ଡା, ବିଭୁ ପ୍ରସାଦ ରାଉତ ମାନପତ୍ର ପାଠ କରିଥିଲେ। ପ୍ରଫେସର ବୈରାଗୀ ଚରଣ ଜେନା, ଡା. ନିମାଇଁ ଚରଣ ପରିଜା, ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ, ଡ. ସୁଲୋଚନା ଦାସ, ଡ. ରାଜେନ୍ଦ୍ର ନାରାୟଣ ଦାସ, ପ୍ରଫେସର ସତ୍ୟନାରାୟଣ ପଣ୍ଡା, କବି ରାଜକିଶୋର ଦାଶ, କୈଳାସ ଚନ୍ଦ୍ର ଦଳାଇ, ବଂଶୀଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଇଂ. ସୁଶାନ୍ତ ସେଠୀ, ବନଶ୍ରୀ ମହାପାତ୍ର, ବ୍ରଜକିଶୋର ବେଉରା, ବିଭୁ ପ୍ରସାଦ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କବି ଦୀପକ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

# ଅଶୋକାଷ୍ଟମୀ, ରାମ ନବମୀ ଯାତ୍ରା ପ୍ରସ୍ତୁତି ବୈଠକ

ଖୁଣ୍ଟୁଣୀ, ୧୮।୩(ଡି.ଏନ୍.ଏ.)

ଆସନ୍ତା ୨୯ରୁ ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମରେ ଅଶୋକାଷ୍ଟମୀ ଓ ରାମ ନବମୀ ଯାତ୍ରା ଅନୁଷ୍ଠିତ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଗ୍ରାମ୍ୟ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଖୁଣ୍ଟୁଣୀ ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିନ ଗ୍ରାମର ଆରାଧ୍ୟଠାକୁର ବାଲୁଙ୍କେଶ୍ୱର ମହାଦେବ, ଲକ୍ଷ୍ମୀନାରାୟଣ ଓ ଶ୍ରୀରାମ ଠାକୁରଙ୍କୁ ସୁସଜ୍ଜିତ ବିମାନ ଶୋଭାଯାତ୍ରାରେ ଗ୍ରାମ ଓ ବଜାର ପରିକ୍ରମା କରାଯାଇ ଯାତ୍ରା ପଡିଆକୁ ନିଆଯିବ। ଜାତୀୟ ରାଜପଥ ପାର୍ଶ୍ୱରେ ଏହି ଯାତ୍ରା ହେଉଥିବାରୁ ଯାନବାହନ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ବ୍ୟବସ୍ଥା, ଯାତ୍ରା ଅନୁମତି ପାଇଁ ଉପଜିଲାପାଳଙ୍କ ନିକଟରେ ଆବେଦନ କରିବା, ବାହାରୁ ଆସୁଥିବା ଅତିଥିମାନଙ୍କୁ ସତ୍କାର କରିବା କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଗ୍ରାମ କମିଟି ସଭାପତି ମନୋଜ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସଦସ୍ୟ ସଚ୍ଚିଦାନନ୍ଦ ପଣ୍ଡା, କିଶୋର କୁମାର ସାମନ୍ତରାୟ, ବିପିନ ବିହାରୀ ପ୍ରଧାନ, ଦିଲୀପ କୁମାର ଶେଠ, ବିଜୟ କୁମାର ସାହୁ, ରଜନୀକାନ୍ତ ଜେନା, ଅଶୋକ କୁମାର ସାମନ୍ତରାୟ, ସରପଞ୍ଚ କୈଳାସ ଚନ୍ଦ୍ର ଦାସ, ଅନ୍ତର୍ଯ୍ୟାମୀ ସାହୁ, ଗୋବିନ୍ଦ ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଘର ଉପରେ ଭାଙ୍ଗିପଡ଼ିଲା ଗଛ, ଦିବ୍ୟାଙ୍ଗ ଆହତ



ଘର ଉପରେ ଭାଙ୍ଗିପଡ଼ିଥିବା ନଡ଼ିଆ ଗଛ।

କଟକ ଅଫିସ,୧୮।୩

ରାଜ୍ୟରେ ପଶ୍ଚିମା ଝଡ଼ ପ୍ରଭାବରେ ପାଣିପାଗରେ ପରିବର୍ତ୍ତନ ଆସିଛି। ଏହାର ପ୍ରଭାବରେ ଶନିବାର ସନ୍ଧ୍ୟାରେ କଟକର କେତେକ ସ୍ଥାନରେ ବର୍ଷାପବନ ହୋଇଛି। ଫଳରେ ସିଏମ୍‌ସିର ୧୭ନଂ. ୱାର୍ଡସ୍ଥିତ ଡଗବର ସାହିରେ ଥିବା ଜଣେ ଦିବ୍ୟାଙ୍ଗ ଘର ଉପରେ ନଡ଼ିଆ ଗଛ ପଡ଼ିଯାଇଥିଲା। ଏଥିରେ ଘର ଭାଙ୍ଗିଯିବା ସହ ସମ୍ପୃକ୍ତ ଦିବ୍ୟାଙ୍ଗ ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି।

# ଆଉଟ୍‌ସୋର୍ସିଂ ନିଯୁକ୍ତି ତାଲିକା ପ୍ରସ୍ତୁତ ହେବ

**ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ଷ୍ଟାଣ୍ଡିଂ କମିଟି ବୈଠକ**

କଟକ ଅଫିସ, ୧୮।୩

କଟକ ମହାନଗର ନିଗମ (ସିଏମ୍‌ସି)ରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କ ତାଲିକା ପ୍ରସ୍ତୁତ ହେବ। ସିଏମ୍‌ସିରେ ଯେତିକି କର୍ମଚାରୀ ଆବଶ୍ୟକ ତା'ଠାରୁ ଅଧିକ କର୍ମଚାରୀଙ୍କୁ ଆଉଟ୍‌ସୋର୍ସି ସଂସ୍ଥା ଜରିଆରେ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ସଂସ୍ଥା ଜରିଆରେ ଅସ୍ଥାୟୀ କର୍ମଚାରୀମାନେ ଦୀର୍ଘଦିନ ଧରି ସିଏମ୍‌ସିରେ କାର୍ଯ୍ୟ କରୁଛନ୍ତି। ନୂତନ ଘରୋଇ ସଂସ୍ଥା ଟେଣ୍ଡର ନେବା ପରେ କର୍ମଚାରୀମାନେ ଦରମା ପାଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ଇପିଏଫ୍ ଓ ଇଏସ୍‌ଆଇ କଟୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସେଥିପାଇଁ କେଉଁ ବିଭାଗରେ କେତେ ଆଉଟ୍‌ସୋର୍ସିଂ କର୍ମଚାରୀ ଅଛନ୍ତି ତାହାର ତାଲିକା ପ୍ରସ୍ତୁତ କରାଯାଇ ଅନୁଧ୍ୟାନ କରାଯିବ ବୋଲି ଶନିବାର ବିଜୁ ଭବନ ପରିସରରେ ଅନୁଷ୍ଠିତ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ଷ୍ଟାଣ୍ଡିଂ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯାଞ୍ଚ କମିଟିର ସଦସ୍ୟମାନେ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗରେ କେତେ ଆଉଟସୋର୍ସିଂ କର୍ମଚାରୀ ଅଛନ୍ତି ତା'ର ତାଲିକା ପ୍ରସ୍ତୁତ କରାଯାଇ ଘରୋଇ ସଂସ୍ଥା ଦେଇଥିବା ତାଲିକା ଓ ଅଧିକାରୀମାନେ ଦେଇଥିବା ତାଲିକା ସହିତ ମେଳ କରାଯିବ। ଫଳରେ କେତେ ନୂଆ ନିଯୁକ୍ତି ଦିଆଯାଇଛି ତାହା ଜଣାପଡ଼ିବ।

# ‘ସର୍ବୋଦୟ କାର୍ଯ୍ୟକ୍ରମ ସାହିତ୍ୟକୁ ସମୃଦ୍ଧ କରିଛି’

**ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଭାଷା-ସାହିତ୍ୟ ଚର୍ଚ୍ଚା**

କଟକ ଅଫିସ,୧୮।୩

ସାହିତ୍ୟ କ୍ଷେତ୍ରରେ ସୃଷ୍ଟି ହୋଇଥିବା ବିଭିନ୍ନ ଆନ୍ଦୋଳନ ଓଡ଼ିଆ ସାହିତ୍ୟକୁ ଦିଗ ଓ ଗତି ପ୍ରଦାନ କରିଛି। ଧାର୍ମିକ ଦର୍ଶନ ଓ ଚିନ୍ତାଧାରା, ରାଜନୈତିକ ସ୍ଥିତି ସାହିତ୍ୟ ଆନ୍ଦୋଳନ ପାଇଁ ଗୋଟିଏ ଗୋଟିଏ କାରଣ ହୋଇଛି। ଓଡ଼ିଆ ସାହିତ୍ୟର ସାରଳା ଯୁଗଠାରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ପ୍ରତିଟି ସମୟରେ ସ୍ରଷ୍ଟାର ଦୃଷ୍ଟିକୋଣରେ ବିବିଧତା ଲକ୍ଷ୍ୟ କରାଯାଏ। ମାର୍କ୍ସବାଦ, ଗାନ୍ଧୀବାଦ, ସର୍ବୋଦୟ କାର୍ଯ୍ୟକ୍ରମ ସାହିତ୍ୟକୁ ସମୃଦ୍ଧ କରିଛି ବୋଲି ବିଶିଷ୍ଟ ସାରସ୍ୱତ ସାଧକ ବିଭୂତି ପଟ୍ଟନାୟକ କହିଛନ୍ତି। କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଭାଷା ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସାରସ୍ୱତ ସାଧକ ପଟ୍ଟନାୟକ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସାହିତ୍ୟ ଆଲୋଚନାର ସମ୍ପାଦକ ସରୋଜିନୀ ମିଶ୍ର ଭାଷା-ସାହିତ୍ୟ ଚର୍ଚ୍ଚାର ପରମ୍ପରା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାଧ୍ୟାପକ ଅକ୍ଷୟ କୁମାର ଭଦ୍ର, ଅନୁଷ୍ଠାନର କାର୍ଯ୍ୟକାରୀ ସଭ୍ୟ ମୁରଲୀଧର ଶତପଥୀ ପ୍ରମୁଖ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସଙ୍ଗଠନ ସମ୍ପାଦକ ଡକ୍ଟର ସୁନାମଣି ରାଉତ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାରସ୍ୱତ ସ୍ରଷ୍ଟା, ବୁଦ୍ଧିଜୀବୀ, ଉତ୍କଳ ସାହିତ୍ୟ ସମାଜର କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହିକା କମିଟିର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।




ଭାଷା-ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।




ରନ୍ଧନ ଗ୍ୟାସ୍ ମୂଲ୍ୟ ବୃଦ୍ଧି ପ୍ରତିବାଦରେ କଟକ ମହାନଦୀ ବିହାର ମଙ୍ଗଳା ମନ୍ଦିର ଛକଠାରେ ସିପିଆଇ(ଏମ୍) ପକ୍ଷରୁ ଶନିବାର ଅନୁଷ୍ଠିତ ପ୍ରତିବାଦ ସଭା।




କଟକ ମହାନଦୀ ବିହାରସ୍ଥିତ ମହାନଦୀ ଭବନରେ ଶିକ୍ଷାବିତ୍ ପ୍ରମୋଦ କୁମାର ମିଶ୍ରଙ୍କ ପୁସ୍ତକ ‘ଜୀବନ ସଂଗ୍ରାମ’କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

